ଧଉଳି ଏକ୍ସପ୍ରେସ୍‌ର
ଆଇନ ପରାମର୍ଶ ଦାତା
ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମଲ୍ଲିକ
(ଆଡ଼ଭୋକେଟ)
ଅବସରପ୍ରାପ୍ତ
ଅନୁଶାସନ ସଚିବ, ବିଧି ବିବାଗ

ଧଉଳି ଏକ୍ସପ୍ରେସ
The Dhauli Express
THE DHAULI EXPRESS

RNI No. : ODIODI/2019/77646

INDEPENDENT ODIA FORRTNIGHTLY NEWSPAPER

ଧଉଳି ଏକ୍ସପ୍ରେସ
THE DHAULI EXPRESS

ବର୍ଷ-୦୮ ସଂଖ୍ୟା-୨୦ ଭୁବନେଶ୍ୱର ୧୬ ଅକ୍ଟୋବର ରୁ ୩୧ ଅକ୍ଟୋବର ୨୦୨୬ ପୃଷ୍ଠା-୮ ମୂଲ୍ୟ-୫ ଟଙ୍କା

Vol.-08 Issue-20 Bhubaneswar 16 October to 31 October 2026 Page-8 Rs. 5.00

ଦୁର୍ଗାପୂଜା: ଶକ୍ତି, ଭକ୍ତି ଓ ନାରୀ ସମ୍ମାନର ମହାପର୍ବ

ଭାରତୀୟ ସଂସ୍କୃତି, ପରମ୍ପରା ଓ ଆଧାତ୍ମିକ ଚେତନାରେ ଦୁର୍ଗାପୂଜାର ସ୍ଥାନ ସ୍ୱତନ୍ତ୍ର। ଶରତ ଋତୁର ଆଗମନ ସହିତ ମା' ଦୁର୍ଗାଙ୍କ ଆବାହନ ଚାରିଆଡ଼େ ଭକ୍ତି, ଶ୍ରଦ୍ଧା ଓ ଆନନ୍ଦର ପରିବେଶ ସୃଷ୍ଟି କରେ। ପୂଜାମଣ୍ଡପରେ ମା'ଙ୍କ ମନୋହର ପ୍ରତିମା, ଧୂପଦୀପର ସୁଗନ୍ଧ, ଶଙ୍ଖଧ୍ୱନି ଓ ଘଣ୍ଟନାଦ ମଧ୍ୟରେ ଭକ୍ତମାନେ ମା'ଙ୍କ ଆଶୀର୍ବାଦ କାମନା କରନ୍ତି। ଏହି ମହାପର୍ବ କେବଳ ଧାର୍ମିକ ଉତ୍ସବ ନୁହେଁ, ବରଂ ଶକ୍ତି, ସାହସ, ନ୍ୟାୟ, ନାରୀତ୍ୱ ଓ ସାମାଜିକ ଏକତାର ପ୍ରତୀକ। ପୌରାଣିକ କଥା ଅନୁଯାୟୀ, ମହିଷାସୁର ନାମକ ଅସୁରର ଅତ୍ୟାଚାରରେ ଦେବତାମାନେ ଅତିଷ୍ଠ ହୋଇପଡ଼ିଥିଲେ। ତା'ର ଅନ୍ୟାୟ ଓ ଅହଂକାରର ଅନ୍ତ କରିବା ପାଇଁ ଦେବତାମାନଙ୍କ ଦିବ୍ୟ ଶକ୍ତିରୁ ମା' ଦୁର୍ଗାଙ୍କ ଆବିର୍ଭାବ ହୋଇଥିଲା। ଦୀର୍ଘ ସଂଗ୍ରାମ ପରେ ମା' ମହିଷାସୁରକୁ ବଧ କରି ଧର୍ମର ପ୍ରତିଷ୍ଠା କରିଥିଲେ। ଏହି ପୌରାଣିକ ଘଟଣା ମଣିଷକୁ ଶିକ୍ଷା ଦିଏ ଯେ ଅନ୍ୟାୟ, ଅଧର୍ମ ଓ ଅହଂକାର ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଶେଷରେ ସତ୍ୟ ଓ ନ୍ୟାୟର ବିଜୟ ହୋଇଥାଏ। ମା' ଦୁର୍ଗାଙ୍କ ଦଶଭୁଜା ରୂପ ଶକ୍ତି, ସାହସ ଓ ଦୁଷ୍ଟଶକ୍ତି ବିନାଶର ପ୍ରତୀକ ଭାବେ ପୂଜିତ।

ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଜୀବନରେ ଦୁର୍ଗାପୂଜାର ଏକ ସମୃଦ୍ଧ ପରମ୍ପରା ରହିଛି। କଟକର ଆକର୍ଷଣୀୟ ଚାନ୍ଦି ମେଢ଼, ସୁନ୍ଦର ତୋରଣ ଓ ମନୋରମ ପୂଜାମଣ୍ଡପ ରାଜ୍ୟର ଦୁର୍ଗାପୂଜାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ମା'ଙ୍କ ପୂଜା ଶ୍ରଦ୍ଧା ଓ ଉତ୍ସାହର ସହିତ ପାଳନ କରାଯାଏ। ନବରାତ୍ରି ସମୟରେ ମା'ଙ୍କ ବିଭିନ୍ନ ରୂପର ଆରାଧନା, ଚଣ୍ଡୀପାଠ, ଆଳତି ଓ ଧାର୍ମିକ କାର୍ଯ୍ୟକ୍ରମ ଭକ୍ତମାନଙ୍କ ମନରେ ଆଧାତ୍ମିକ ଭାବନା ଜାଗ୍ରତ କରେ। ବିଜୟା ଦଶମୀ ଧର୍ମ ଓ ସତ୍ୟର ବିଜୟର ସନ୍ଦେଶ ଦେବା ସହିତ ନୂତନ ଆଶା, ଆତ୍ମବିଶ୍ୱାସ ଓ ସଂକଳ୍ପର ପ୍ରେରଣା ଦିଏ। ଏହି ପର୍ବରେ ପରିବାର, ବନ୍ଧୁବାନ୍ଧବ ଓ ସମାଜର ବିଭିନ୍ନ ବର୍ଗର ଲୋକ ଏକାଠି ହୋଇ ଆନନ୍ଦ ବାଣ୍ଟିଥାନ୍ତି।

ମା' ଦୁର୍ଗା ହେଉଛନ୍ତି ନାରୀଶକ୍ତି, ସାହସ ଓ ଆତ୍ମନିର୍ଭରତାର ପ୍ରତୀକ। ତେଣୁ ଦୁର୍ଗାପୂଜାର ପ୍ରକୃତ ମହତ୍ତ୍ୱ କେବଳ ମା'ଙ୍କ ପ୍ରତିମାକୁ ପୂଜା କରିବାରେ ସୀମିତ ନୁହେଁ। ସମାଜରେ ପ୍ରତ୍ୟେକ ମହିଳାଙ୍କୁ ସମ୍ମାନ, ସୁରକ୍ଷା, ଶିକ୍ଷା ଓ ସମାନ ଅଧିକାର ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ନାରୀଙ୍କ ପ୍ରତି ହିଂସା, ଅସମାନତା ଓ ଅବହେଳା ଦୂର କରି ଏକ ସୁସ୍ଥ ଓ ସମ୍ମାନଜନକ ସମାଜ ଗଠନ କରିବା ହିଁ ଦେବୀ ଉପାସନାର ପ୍ରକୃତ ସାର୍ଥକତା।

ପର୍ବପର୍ବାଣୀର ଆନନ୍ଦ ସହିତ ପରିବେଶ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ପୂଜାମଣ୍ଡପ ଓ ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ୍ ?ର ବ୍ୟବହାର କମାଇବା, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବା ଓ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବା ଆମ ସାମାଜିକ ଦାୟିତ୍ୱ। ଭକ୍ତି ସହିତ ସ୍ୱଚ୍ଛତା ଓ ପ୍ରକୃତିର ସୁରକ୍ଷାକୁ ଗୁରୁତ୍ୱ ଦେଲେ ଏହି ମହାପର୍ବ ଆହୁରି ଅର୍ଥପୂର୍ଣ୍ଣ ହେବ।

ଦୁର୍ଗାପୂଜା ଆମକୁ ନିଜ ମନରେ ଥିବା ଲୋଭ, ଈର୍ଷା, ଅହଂକାର ଓ ହିଂସାକୁ ପରାସ୍ତ କରିବାର ଶିକ୍ଷା ଦିଏ। ସମାଜରେ ଭାଇଚାରା, ମାନବିକତା ଓ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଲେ ହିଁ ଏହି ପର୍ବର ପ୍ରକୃତ ଉଦ୍ଦେଶ୍ୟ ସାକାର ହେବ। ମା' ଦୁର୍ଗାଙ୍କ ଆଶୀର୍ବାଦରେ ପ୍ରତ୍ୟେକ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ, ସମାଜରୁ ଅନ୍ୟାୟ ଦୂର ହେଉ ଏବଂ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ।



ସମ୍ପାଦକୀୟ

ବିକାଶ କାଗଜରେ ନୁହେଁ, ମାଟିରେ ଦେଖାଯାଉ

ବିକାଶ ହେଉଛି ଏକ ଦେଶ ଓ ସମାଜର ପ୍ରଗତିର ପରିଚୟ। ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ସୁବିଧା ଯେତେବେଳେ ସାଧାରଣ ଲୋକଙ୍କ ଜୀବନକୁ ସହଜ କରେ, ସେତେବେଳେ ହିଁ ବିକାଶର ପ୍ରକୃତ ଅର୍ଥ ସାର୍ଥକ ହୁଏ। କିନ୍ତୁ ପ୍ରଶ୍ନ ହେଉଛି, ଆମ ଗାଁ ଓ ସହରରେ ହେଉଥିବା ବିକାଶ କାମର ପ୍ରକୃତ ଚିତ୍ର କ'ଣ? ଯେଉଁ ବିକାଶର ଚିତ୍ର କାଗଜପତ୍ରରେ ସୁନ୍ଦର ଦେଖାଯାଉଛି, ତାହା କ'ଣ ବାସ୍ତବରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରୁଛି?

ଗାଁରେ ଏକ ରାସ୍ତା ନିର୍ମାଣ ହେଲେ ଲୋକଙ୍କ ମନରେ ଆଶା ସଞ୍ଚାର ହୁଏ। ବର୍ଷ ବର୍ଷ ଧରି ଯାତାୟାତରେ ଭୋଗୁଥିବା ସମସ୍ୟାରୁ ମୁକ୍ତି ମିଳିବ ବୋଲି ସେମାନେ ଭାବନ୍ତି। କିନ୍ତୁ ନିର୍ମାଣର କିଛି ଦିନ ପରେ ଯଦି ରାସ୍ତାରେ ଫାଟ ସୃଷ୍ଟି ହୁଏ, ପିଚୁ ଉଠିଯାଏ କିମ୍ବା କଂକ୍ରିଟ୍ ରାସ୍ତା ଭାଙ୍ଗିବା ଆରମ୍ଭ କରେ, ତେବେ ଏହା କେବଳ ନିର୍ମାଣର ତ୍ରୁଟି ନୁହେଁ, ବରଂ ଯୋଜନା, ତଦାରଖ ଓ ଦାୟିତ୍ୱବୋଧ ଉପରେ ମଧ୍ୟ ପ୍ରଶ୍ନ ଉଠାଏ। ଏହିପରି ଭାବେ ଡ୍ରେନ୍ ନିର୍ମାଣ ହୋଇ ମଧ୍ୟ ଯଦି ଜଳ ନିଷ୍କାସନ ହୋଇପାରୁନାହିଁ, ପାନୀୟ ଜଳ ପ୍ରକଳ୍ପ ଥାଇ ମଧ୍ୟ ଯଦି ଘରକୁ ପାଣି ପହଞ୍ଚୁନାହିଁ, ତେବେ ସେହି ବିକାଶର ଉପଯୋଗିତା କ'ଣ?

ସରକାରୀ ଅର୍ଥ ହେଉଛି ଜନସାଧାରଣଙ୍କ ଅର୍ଥ। ତେଣୁ ଏହାର ବିନିଯୋଗରେ ସ୍ୱଚ୍ଛତା, ଗୁଣବତ୍ତା ଓ ଉତ୍ତରଦାୟିତ୍ୱ ରହିବା ଅତ୍ୟନ୍ତ ଜରୁରୀ। ଯେକୌଣସି ସାର୍ବଜନୀନ ନିର୍ମାଣ କାମରେ ଅନୁମୋଦିତ ଯୋଜନା, ବ୍ୟୟ ଅଟକଳ, ନିର୍ମାଣର ମାନଦଣ୍ଡ ଓ କାର୍ଯ୍ୟ ସମ୍ପାଦନର ଗୁଣବତ୍ତାକୁ ଗୁରୁତ୍ୱ ଦିଆଯିବା ଦରକାର। କେବଳ କାମ ସମ୍ପୂର୍ଣ୍ଣ ହେବା ଯଥେଷ୍ଟ ନୁହେଁ; ଏହା କେତେ ଦିନ ଧରି ଲୋକଙ୍କ ଉପକାରରେ ଆସୁଛି, ତାହା ମଧ୍ୟ ମୂଲ୍ୟାୟନର ଆଧାର ହେବା ଉଚିତ।

ଏଥିରେ ସରକାରୀ ଅଧିକାରୀ, ଯନ୍ତ୍ରୀ, ଠିକାଦାର ଓ ସମ୍ପୃକ୍ତ ବିଭାଗର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। କାମର ଅନୁମୋଦନଠାରୁ ଆରମ୍ଭ କରି ନିର୍ମାଣ ଓ ତାହାର ଗୁଣବତ୍ତା ଯାଞ୍ଚ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନିୟମ ପାଳନ ହେବା ଆବଶ୍ୟକ। ନିର୍ମାଣ କାମରେ କୌଣସି ଅନିୟମିତତା ନେଇ ଅଭିଯୋଗ ଆସିଲେ, ତାହାକୁ ଅଣଦେଖା ନକରି ନିରପେକ୍ଷ ଯାଞ୍ଚ କରାଯିବା ଉଚିତ। ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବା ମଧ୍ୟ ଆବଶ୍ୟକ।

ଅନ୍ୟପକ୍ଷରେ, ଜନସାଧାରଣଙ୍କ ଭୂମିକାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ନିଜ ଅଞ୍ଚଳରେ ହେଉଥିବା ନିର୍ମାଣ କାମର ସ୍ଥିତି ଉପରେ ନଜର ରଖିବା, ସମସ୍ୟା ଦେଖାଦେଲେ ସମ୍ପୃକ୍ତ ବିଭାଗକୁ ଜଣାଇବା ଏବଂ ଆବଶ୍ୟକ ସ୍ଥଳେ ତଥ୍ୟ ଆଧାରରେ ପ୍ରଶ୍ନ କରିବା ନାଗରିକ ସଚେତନତାର ଅଂଶ। ଏହା ସହିତ ଗଣମାଧ୍ୟମର ଦାୟିତ୍ୱ ହେଉଛି ଲୋକଙ୍କ ସମସ୍ୟାକୁ ନିର୍ଭୀକ ଭାବେ ସାମ୍ନାକୁ ଆଣିବା, କିନ୍ତୁ ପ୍ରତ୍ୟେକ ଅଭିଯୋଗକୁ ତଥ୍ୟ ଓ ପ୍ରମାଣ ଆଧାରରେ ଯାଞ୍ଚ କରି ନିରପେକ୍ଷ ଭାବେ ଉପସ୍ଥାପନ କରିବା।

ବିକାଶର ଅର୍ଥ କେବଳ ଉଦ୍‌ଘାଟନ ଫଳକ ଲଗାଇବା, ଫଟୋ ଉଠାଇବା କିମ୍ବା ରିପୋର୍ଟରେ ସଫଳତା ଦେଖାଇବା ନୁହେଁ। ବିକାଶର ଅର୍ଥ ହେଉଛି ଲୋକଙ୍କ ସମସ୍ୟାର ସମାଧାନ, ଅର୍ଥର ସଠିକ୍ ବିନିଯୋଗ ଏବଂ ଦୀର୍ଘସ୍ଥାୟୀ ସୁବିଧା ସୃଷ୍ଟି କରିବା। ଯେଉଁ ରାସ୍ତାରେ ଛାତ୍ରଛାତ୍ରୀ ସୁରକ୍ଷିତ ଭାବେ ସ୍କୁଲକୁ ଯାଇପାରିବେ, ଯେଉଁ ଡ୍ରେନ୍ ଜଳବନ୍ଦୀ ସମସ୍ୟା ଦୂର କରିବ, ଯେଉଁ ଜଳ ପ୍ରକଳ୍ପ ଲୋକଙ୍କ ତୃଷା ମେଣ୍ଟାଇବ ଏବଂ ଯେଉଁ ସ୍ୱାସ୍ଥ୍ୟକେନ୍ଦ୍ର ଜରୁରୀ ସମୟରେ ଚିକିତ୍ସା ଯୋଗାଇବ, ସେହି କାମ ହିଁ ପ୍ରକୃତ ବିକାଶର ପରିଚୟ।

ତେଣୁ ସମୟ ଆସିଛି, ବିକାଶକୁ କେବଳ ଫାଇଲ୍ ଓ ରିପୋର୍ଟରେ ସୀମିତ ନରଖି ତାହାର ବାସ୍ତବ ଫଳାଫଳ ଉପରେ ଗୁରୁତ୍ୱ ଦେବାର। ପ୍ରତ୍ୟେକ ଟଙ୍କାର ହିସାବ ରହୁ, ପ୍ରତ୍ୟେକ କାମର ଗୁଣବତ୍ତା ନିଶ୍ଚିତ ହେଉ ଏବଂ ପ୍ରତ୍ୟେକ ଅଭିଯୋଗର ନିରପେକ୍ଷ ତଦନ୍ତ ହେଉ। ଜନସାଧାରଣଙ୍କ ଅର୍ଥରେ ନିର୍ମିତ ପ୍ରତ୍ୟେକ ପ୍ରକଳ୍ପ ଜନସାଧାରଣଙ୍କ ସ୍ୱାର୍ଥରେ କାମ କରିବା ଉଚିତ। କାରଣ ବିକାଶର ସଫଳତା ଫଳକରେ ଲେଖା ନାମରେ ନୁହେଁ, ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନରେ ମାପିବା ଦରକାର।

ମହାଶକ୍ତି ଓ ନବଦୁର୍ଗା

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଦେବୀଙ୍କ ଭେଦ ହେଉଛି ସବୁ ବିଦ୍ୟା । ସଂସାରରେ ଯେତିକି ନାରୀ ଅଛନ୍ତି ସେମାନେ ଦେବୀଙ୍କ ରୂପ । ସମସ୍ତ ସଂସାରରେ ବ୍ୟାପ୍ତ ହେଉଛି ଗୋଟିଏ ତତ୍ତ୍ୱ, ସେହି ତତ୍ତ୍ୱ ହେଉଛି ଦେବୀ ତତ୍ତ୍ୱ ବା ଶକ୍ତି ତତ୍ତ୍ୱ । ନବରାତ୍ରିରେ ତିଥି ଅନୁସାରେ ମା ଦୁର୍ଗାଙ୍କ ନବ ରୂପର ପୂଜା ଅର୍ଚ୍ଚନା କରାଯାଏ । ଏହି ନବ ରୂପ ହେଉଛି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କ କଥା ବର୍ଣ୍ଣିତ । ସେମାନେ ସମସ୍ତେ ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ଶୈଳପୁତ୍ରୀ । 'ଶୈଳ' ଅର୍ଥ ପାହାଡ଼ ଏବଂ 'ପୁତ୍ରୀ' ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା' ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା – ଉମା, ଅର୍ପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନିଧ୍ୟ ପାଇବା ଲାଗି ଯିଏ ସଦା ତପସ୍ୟାରତ । ତୃତୀୟ ଦିବସରେ ଆରାଧନା କରାଯାଏ ମା' ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରୁଥିବା ହେତୁ ସେ ହେଲେ ଚନ୍ଦ୍ରଘଣ୍ଟା । ଚତୁର୍ଥ ଦିବସରେ ଆବାହନ କରାଯାଏ ମା' କୁଷ୍ମାଣ୍ଡାଙ୍କୁ । ସେ ଅଷ୍ଟଭୂଜା; ପୁଣି ସୃଷ୍ଟିକର୍ତ୍ତ୍ରୀ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡର । ପଞ୍ଚମ ଦିବସରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସୁବ୍ରମଣ୍ୟ ବା ସ୍କନ୍ଦଙ୍କ ମାତା । ତାଙ୍କୁ ପଦ୍ମାସନା ମଧ୍ୟ କୁହାଯାଏ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମାତା କାତ୍ୟାୟନୀ । କାତ୍ୟମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସପ୍ତମ ଦିନରେ ଆସନ୍ତି ମା' କାଳରାତ୍ରି । ତାଙ୍କୁ ମଧ୍ୟ କୁହାଯାଏ ଶୁଭଙ୍କରୀ । ସେ ଯାବତୀୟ ଅଜ୍ଞାନତା ଏବଂ ଅନ୍ଧକାରର ଧ୍ୱଂସକର୍ତ୍ତ୍ରୀ । ଅଷ୍ଟମ ଦିବସରେ ଆରାଧନା କରାଯାଏ ମା' ମହାଗୌରୀଙ୍କୁ । ମହାଗୌରୀ ଅର୍ଥ ଯେ ବିଜୁଳି ପରି ଉଜ୍ଜ୍ୱଳ । ନବମ ଦିବସରେ ପୂଜା ପାଆନ୍ତି ମା' ସିଦ୍ଧିଦାୟିନୀ । ସେ ଜ୍ଞାନଦାତ୍ରୀ । ବ୍ରହ୍ମଙ୍କୁ ଅନୁଭବ କରିବା ନିମନ୍ତେ ସେ ଦିବ୍ୟଜ୍ଞାନ ପ୍ରଦାନ କରିଥାନ୍ତି ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମା'ଦୁର୍ଗାଙ୍କୁ କେବେହେଲେ ମାଟିର ପ୍ରତିମା ହିସାବରେ ଦେଖିନାହାଁନ୍ତି। ପ୍ରତିମାରେ ଯାହାଙ୍କୁ ପୂଜା ହେଉଛି ସେ ହେଉଛନ୍ତି ପ୍ରତି ଘରେ ଘରେ ଦେହଧାରୀ ମା'। ନିଜ ମା'ଙ୍କ ଉପରେ ଭକ୍ତି ଓ ଭଲ ପାଇବା ଯେତେ ଜୀବନ୍ତ, ଦୁର୍ଗାପୂଜାର ସାର୍ଥକତା ତାଙ୍କ ପାଖରେ ସେତେ ବେଶୀ। ତାଙ୍କ ଅର୍ଥରେ, ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଠାକୁର ଅନୁକୂଳଚନ୍ଦ୍ର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି – ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ୱିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା – ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ – ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ଦୁନିଆର ସବୁକିଛି ଓ ସମସ୍ତଙ୍କୁ ନେଇ ମା'ହେଉଛନ୍ତି ମହାମାୟା, ବିଶ୍ୱପ୍ରସବିନୀ ଓ ବିଶ୍ୱ ପରିବ୍ୟାପ୍ତା। ତାଙ୍କର ସ୍ତୁତିରେ ତାଙ୍କୁ କ୍ଷମାରୂପେ, ନିଦ୍ରା ରୂପେ, କ୍ଷୁଧାରୂପେ, ତୃଷ୍ଣାରୂପେ, ଶକ୍ତିରୂପେ, ଲଜ୍ଜାରୂପେ, ଶାନ୍ତିରୂପେ ଓ ଶ୍ରଦ୍ଧାରୂପେ ପୂଜା କରାଯାଏ। ପରମା ପ୍ରକୃତି ସେ। ପ୍ରକୃଷ୍ଟ ଭାବେ ଯାହା କରା ହୋଇଅଛି ତାହା ହିଁ ପ୍ରକୃତି। ମା'ଦୁର୍ଗା ଅନେକ ନାମରେ ପରିଚିତା। ତାଙ୍କର ପ୍ରତି ଗୁଣ ଓ ବୈଶିଷ୍ଟ୍ୟର ଏକ ଏକ ନାମ ହୋଇଛି। ଯଥା ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଈଶ୍ୱରୀ, ବୈଷ୍ଣବୀ ଓ ମାହେଶ୍ୱରୀ ପ୍ରଭୃତି। ପୁରୁଷୋତ୍ତମ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଉଲ୍ଲେଖ କଲେ – ଏହି ଯେଉଁ ମାୟା ଦେଖୁଛ, ମାୟାର ଯେଉଁ ଖେଳା ଦେଖୁଛ, ଏହି ମାୟାର ଅଧୀଶ କିନ୍ତୁ ମୁଁ। କୃଷ୍ଣ (ଈଶ୍ୱର) ସ୍ୱୀୟ ମାୟା ଶକ୍ତି ଦ୍ୱାରା ଜଗତ ପରିମାପିତ କରନ୍ତି। ମାୟା ମଧ୍ୟ ପ୍ରକୃତି। ଏହି ପ୍ରକୃତି ହେଉଛନ୍ତି ମା'ଦୁର୍ଗା। ଅନେକ ସ୍ଥାନରେ ଦୁର୍ଗାପୂଜାରେ ବଳିଦାନ କରାହୁଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ବିସର୍ଜନ ଶବ୍ଦଟି ବି ଓ ସୃଜ୍ ଧାତୁରୁ ଉତ୍ପନ୍ନ, ଅର୍ଥ ବିଶେଷ ପ୍ରକାରେ ସୃଷ୍ଟି କରିବା। ଯେଉଁ ମାତୃପୂଜା ଆମ୍ଭେମାନେ କଲୁ, ସେହି ମା'ଙ୍କର ସର୍ବମଙ୍ଗଳ କାରିଣୀ ସ୍ନେହ ସୁନ୍ଦର ଭାବ ଓ ଚରିତ୍ରକୁ ନିଜ ଅନ୍ତରରେ ବିଶେଷ ଭାବରେ ସୃଷ୍ଟି ଅର୍ଥାତ୍ ଦୃଢ଼ ନିବଦ୍ଧ କରି ଉଠାଇବା ହିଁ ପ୍ରକୃତ ବିସର୍ଜନ। ଆମ୍ଭେମାନେ ଯେଭଳି ଦିବ୍ୟ ଭାବରେ ଭାବିତ ହୋଇଉଠି ଓ ମା'ଙ୍କର ସେବାରେ ଆମ୍ଭମାନଙ୍କର ବୃତ୍ତିଗୁଡ଼ିକୁ ନିୟୋଜିତ କରୁ – ସେତେବେଳେ ହୁଏ ବିସର୍ଜନର ସାର୍ଥକତା। ପ୍ରତିମାକୁ ଆଉ ବେଶୀ ଦିନ ରଖିହୁଏ ନାହିଁ। ତେଣୁ ନଦୀରେ ନିରଞ୍ଜନ ହେବାର ବ୍ୟବସ୍ଥା କରାଯାଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉତ୍ସୃଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି। ବିଜୟା ମା'ଙ୍କର ବିଳୟ ନୁହେଁ, ବିସର୍ଜନମାନେ ହେଉଛି ବିଶେଷ ବିସୃଷ୍ଟି।

ସହ-ପ୍ରତିରକ୍ଷିକ ଓ ପ୍ରଫେସର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ

ଓଡ଼ିଶା ହେବ ଦେଶର ଶ୍ରେଷ୍ଠ ମାନୁଫାକ୍‌ଚରିଂ ହବ୍

▶୧୪ ଜିଲ୍ଲାରେ ୪୬ ମଧ୍ୟମ ଓ ବୃହତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

▶୩୯,୩୮୩ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ,୪୨,୫୧୨ ନିଯୁକ୍ତି

ଭୁବନେଶ୍ୱର : ସମଗ୍ର ଓଡ଼ିଶାରେ ଯେଉଁ ଶିଳ୍ପ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହେଉଛି, ତାହା ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଳବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆମ ସରକାର ଆସିବା ପୂର୍ବରୁ ଶିଳ୍ପ ନିବେଶ କେବଳ ଏକ ସ୍ଲୋଗାନ ଏବଂ ପ୍ରଚାର ପ୍ରସାରର ମାଧ୍ୟମ ହୋଇ ରହିଥିଲା। କିନ୍ତୁ ଆମେ ପ୍ରତିଟି ବୁଝାମଣାପତ୍ର (ଗକ୍ଟଟ)କୁ ବାସ୍ତବ ରୂପ ଦେଇ ଫାକ୍ଟ୍ରି ନିର୍ମାଣ କରି ଉତ୍ପାଦନ ଆରମ୍ଭ କରିଛୁ ଏବଂ ଆମର ଓଡ଼ିଆ ପୁଅ-ଝିଅମାନଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇଛୁ। ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଶିଳ୍ପ ପ୍ରକଳ୍ପ ଭୂମିପୂଜନ ଏବଂ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଭୂମିପୂଜନ ଏବଂ ଉଦ୍ଘାଟନ କରିଛନ୍ତି। ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି।

ଯାଜପୁରର କଳିଙ୍ଗନଗର ଅଞ୍ଚଳ ଆଜି ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପ କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିପରି ଟାଟା ଷ୍ଟିଲ୍ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍ଲାଇନ୍, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଏବଂ ଶ୍ରୀ ଏମ୍. କେ. ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ଏହି କ୍ଷେତ୍ରର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ବୋଲି ଜଣାପଡିଛି। ଏହି ଶିଳ୍ପ ଗୁଡିକ ରାଜ୍ୟର ୧୪ଟି ଜିଲ୍ଲାରେ ସ୍ଥାପନ କରାଯାଇଛି। ଏଗୁଡିକ ହେଲା- ଅନୁଗୋଳ, ବରଗଡ, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ। ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୧୫୧ ଗୋଟି ପ୍ରକଳ୍ପର ଭୂମିପୂଜନ କିମ୍ବା ଉଦ୍ଘାଟନ କରାଯାଇ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିବାବେଳେ ଏହାଦ୍ୱାରା ୨ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପଥ ଉନ୍ମୁକ୍ତ ହୋଇଛି। ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପର ପ୍ରସ୍ତାବ ସମୟଠାରୁ ଗ୍ରାଉଣ୍ଡିଙ୍ଗ୍ ହେବା ପର୍ଯ୍ୟନ୍ତ ଚକ୍ରବ୍ୟୂହରମଗ୍ନ ଖସଲର ଉଚ୍ଚମକ୍ଷରର ପୁରା ସମୟଚକ୍ରରେ ନିବେଶକମାନଙ୍କୁ ଓଡିଶା ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେଉଛନ୍ତି। ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଏବଂ ନୂତନ ଶିଳ୍ପନୀତି ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇଛି। ଏପର୍ଯ୍ୟନ୍ତ ୧୨.୦୭ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସହିତ ୫୬୦ଟି ଶିଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇସାରିଛି। ଏହା ମାଧ୍ୟମରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ ଆଗାମୀ ଦିନରେ ଯାଜପୁର ଜିଲ୍ଲାର ଅଭୂତପୂର୍ବ ବିକାଶ ଘଟିବ ଏବଂ ଶିଳ୍ପ ନକ୍ସା ଅଧିକ ସମୃଦ୍ଧ ହେବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଆମେ କେବଳ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବାରେ ଅଟକି ରହୁନାହୁଁ, ବରଂ ନୂତନ ଶିଳ୍ପ ଆବଶ୍ୟକତା ଅନୁଯାୟୀ ଆମର ଯୁବଗୋଷ୍ଠୀଙ୍କୁ ଦକ୍ଷ ଓ ପ୍ରଶିକ୍ଷିତ କରି ଗଢ଼ି ତୋଳୁଛୁ। ଏହି ସମାରୋହରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଔଝଖ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଓଗରଇ ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଦେଇଥିଲେ ।

ଅଦାଲତର ଜବାବ୍ ତଲବ ପରେ, ପ୍ରତ୍ନତତ୍ତ୍ୱ କର୍ତ୍ତୃପକ୍ଷ କୋଣାର୍କ ମନ୍ଦିର ପ୍ରସ୍ଥାନ ଖୋଲିଲେ

କୋଣାର୍କ : ବିଶ୍ୱ ଐତହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ରେ ବେଆଇନ୍ ପ୍ରବେଶିକା ଶୁଳ୍କ ଆଦାୟ, ପ୍ରତ୍ନତତ୍ତ୍ୱ ବିଭାଗର ମନମୁଖୀ କାର୍ଯ୍ୟକଳାପ,ମନ୍ଦିରର ସଂରକ୍ଷଣ ନେଇ ଉଦାସୀନତା, ବ୍ୟବସାୟିକ ମନୋଭାବ ପୋଷଣ,ମନ୍ଦିର ପରିସରରେ ଦୀର୍ଘ ଦିନ ଧରି ପୂଜା ପାଉଥିବା ନବଗ୍ରହ ପୀଠର ଚତୁଃପାର୍ଶ୍ୱରେ ତାର ବାଡ଼ ପକାଇ ସଙ୍କୁଚିତ କରି,ଏଠାରେ ପ୍ରବେଶ ପ୍ରସ୍ଥାନ ଦ୍ୱାରକୁ ବନ୍ଦ କରିବା, ଏଠାରେ ପୂଜା ହୋମ ଯଜ୍ଞ, ପୂଜାସାମଗ୍ରୀ ବିକ୍ରୀ ଆଦିକୁ ବନ୍ଦ ଉଦ୍ୟମ କରିବା ଓ ସର୍ବୋପରି ଏହି ପୀଠକୁ ସ୍ଥାନାନ୍ତର କରିବାର ହୀନ ମସୁଧାକୁ ବିରୋଧ କରି, ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଦୁଇଟି ନାଗରିକ ସଂଗଠନ ପକ୍ଷରୁ ସ୍ଥାନୀୟ ଅଦାଲତରେ ଏକ ମାମଲା ରୁଜୁ କରାଯାଇଛି।ଏହି ମାମଲାର ବିଚାର କରି ଅଦାଲତ ପକ୍ଷରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜବାବ୍ ତଲବ କରାଯାଇଥିବାରୁ, ନୋଟିସ୍ ପାଇ,ପ୍ରତ୍ନତତ୍ତ୍ୱ ବିଭାଗ ତରବରିଆ ଭାବେ ପ୍ରସ୍ଥାନ ଦ୍ୱାର ଖୋଲିଦେଇଛନ୍ତି।

ଖବରରୁ ପ୍ରକାଶ ଯେ, ଗତ କିଛିଦିନ ହେବ,କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କ ମନ୍ଦିର ପରିସରରେ ପୂଜା ପାଉଥିବା ନବଗ୍ରହ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଛି। ପ୍ରଥମତଃ,ବିଭାଗ ପକ୍ଷରୁ ନବଗ୍ରହ ମନ୍ଦିରର ଚତୁଃପାର୍ଶ୍ୱକୁ ତାରବାଡ଼ ଘେରାଇ ସଙ୍କୁଚିତ କରାଯାଇଥିଲା।ପରେ ଏଠାରେ ପୂଜାସାମଗ୍ରୀ ବିକ୍ରୀ, ହୋମ, ଯଜ୍ଞ ଉପରେ ବାରଣ କରାଯାଇଥିଲା।ଏପରିକି ଭୋଗ ବିକ୍ରୀ ଦୋକାନ ଗୁଡିକ ଜୋର୍ ଜବରଦସ୍ତି ଭାବେ ଜବତ କରାଯାଇ,ଅନ୍ୟତ୍ର ଉଠାଇ ଦିଆଯାଇଥିଲା। ପୁନର୍ବାର, କୋଣାର୍କ ମନ୍ଦିରର ପ୍ରସ୍ଥାନ ଦ୍ୱାର ନବଗ୍ରହ ମନ୍ଦିର ଦେଇ ଯାଉଥିବାରୁ,ବାହାର ପର୍ଯ୍ୟଟକ ଯେପରି ନବଗ୍ରହ ଦର୍ଶନ କରି ନ ପାରିବେ,ସେଥିପାଇଁ ମନ୍ଦ ଉଦ୍ଦେଶ୍ୟ ରଖି ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହି ପ୍ରସ୍ଥାନ ଦ୍ୱାରକୁ ବନ୍ଦ ରଖାଯାଇଥିଲା। କିନ୍ତୁ ଏହି ଅତ୍ୟାଚାରର ପ୍ରତିବାଦ ପୂର୍ବକ, କୋଣାର୍କ ଅଞ୍ଚଳର ଦୁଇ ଅଗ୍ରଣୀ ନାଗରିକ ସଂଗଠନ,ଯଥା କୋଣାର୍କ - ଗୋପ ଉନ୍ନୟନ ଟ୍ରଷ୍ଟ ଓ ଓଡ଼ିଶା ବାୟୋଡାଇଭର୍ସିଟୀ ଫାଉଣ୍ଡେସନ ପକ୍ଷରୁ ଯୁଗ୍ମ ଭାବେ କୋଣାର୍କ ଅଦାଲତରେ ଏକ ମାମଲା ସିଭିଲ ସୁଟ୍ ନମ୍ବର ୭୩/୨୦୦୬ ରୁଜୁ କରାଯାଇଛି।ଏଥିରେ କେନ୍ଦ୍ର ସଂସ୍କୃତି ସଚିବ, ପ୍ରତ୍ନତତ୍ତ୍ୱ ବିଭାଗ ମହାନିର୍ଦ୍ଦେଶକ, ଅଧୀକ୍ଷକ ପୁରୀ ସର୍କଲ, ସ୍ଥାନୀୟ ସଂରକ୍ଷଣ ଅଧିକାରୀ, ଜିଲ୍ଲାପାଳ, ତହସିଲଦାର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଦି ୭(ସାତ) ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି।ଏହି ମାମଲାକୁ ଡଃ ରାଜେନ୍ଦ୍ର ଲାଲ ମିତ୍ର ଦ୍ୱାରା ଲିଖିତ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ,ଏଲ୍.ଏସ. ମାଲେ,ଡଃ ଦେବଳା ମିତ୍ର,ପଣ୍ଡିତ କୃପାସିନ୍ଧୁ ମିଶ୍ର,ଡଃ କରୁଣା ସାଗର ବେହେରା ଆଦି ବିଭିନ୍ନ ଐତିହାସିକଙ୍କ ଲିଖିତ ତଥ୍ୟ ସମେତ, ବେଙ୍ଗଲ ଗେଜେଟିଅର, ଓଡ଼ିଶା ଗେଜେଟିଅର, ପୁରାତତ୍ତ୍ୱ ଆଇନ ଓ ଅନ୍ୟାନ୍ୟ ଆଇନ ଉପରେ ପର୍ଯ୍ୟବେକ୍ଷିତ କରାଯାଇ ୨୦୦ ପୃଷ୍ଠାର ତଥ୍ୟ ସମ୍ବଳିତ ବିସ୍ତୃତ ଗବେଷଣାତ୍ମକ ଅଭିଯୋଗ ଦାଖଲ କରାଯାଇଛି ।ଏଥିରେ କୋଣାର୍କ ମନ୍ଦିରର ପ୍ରବେଶିକା ଶୁଳ୍କ ମୁକ୍ତ,ପୂଜା ଆଦି ସପକ୍ଷରେ ବଳିଷ୍ଠ ଆଇନଗତ ଯୁକ୍ତି ଉପସ୍ଥାପନ କରାଯାଇଛି। ଏହି ମାମଲାଟିକୁ ମାନ୍ୟବର ସିଭିଲ ଜଜ୍ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରି ସମସ୍ତ ପକ୍ଷ ମାନଙ୍କୁ ଗତ ୨୫ ତାରିଖରେ ଜବାବ୍ ତଲବ କରାଯାଇଅଛି। ଏହି ମାମଲାର ଶୁଣାଣି ଆସନ୍ତା ୨୯ ତାରିଖକୁ ଅଛି।ଏହି ମାମଲାକୁ କୋଣାର୍କ ବାର ଆସୋସିଏସନର ସଭାପତି ଶ୍ରୀଜୟ ବରାଳଙ୍କ ସମେତ ଆଇନଜୀବୀ ମାଧବ ପତି, ଅଶୋକ ବିଶ୍ୱାଳ,ଭଗବାନ ମହାପାତ୍ର, ବିଜୟ ମହାନ୍ତି, ରଶ୍ମିତା ଶତପଥୀ, ଅଖତାରୁନ ନେଶା ପ୍ରମୁଖ ପରିଚାଳନା କରୁଛନ୍ତି। ମନ୍ଦିର ପ୍ରବେଶ ଓ ପୂଜା ଅଧିକାର ନିମନ୍ତେ, ଏକ ଦୀର୍ଘ ଆଇନଗତ ଲଢ଼େଇ କରିବାକୁ ନିଷ୍ପତ୍ତି ଆଇନଜୀବୀ ମାନେ ନିଷ୍ପତ୍ତି ନେଇଛନ୍ତି ଓ ଆବଶ୍ୟକ ସ୍ଥଳେ ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି: ରାଷ୍ଟ୍ରୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଅବଧି ପାଞ୍ଚ ବର୍ଷ ବଢ଼ିଲା

୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଜାରି ରହିବ ଏନଏସଏପି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ରାଷ୍ଟ୍ରୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି)ର ଅବଧି ଅତିରିକ୍ତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛି । ଏ ସଂକ୍ରାନ୍ତରେ ଗ୍ରାମୀଣ ବିକାଶ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ପ୍ରସ୍ତାବ ଅନୁଯାୟୀ, ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ଏନଏସଏପିକୁ ଜାରି ରଖାଯିବ । ଏଥିପାଇଁ ମୋଟ୍ ୫୩,୪୨୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିରେ (୧) ଯୋଜନା ଓ ଉପ-ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ, (୨) ଦିବ୍ୟାଙ୍ଗଜନ ଭତ୍ତା ପାଇଁ ଯୋଗ୍ୟତା ମାନଦଣ୍ଡ, ପରିସର ଏବଂ ସହାୟତା ରାଶିରେ ସଂଶୋଧନ ଏବଂ (୩) ବୃଦ୍ଧବୃଦ୍ଧା ଓ ବିଧବାଙ୍କ ପାଇଁ ଭତ୍ତା ଯୋଜନା ତଥା ପାରିବାରିକ ଲାଭ ଯୋଜନାକୁ ସେମାନଙ୍କର ବର୍ତ୍ତମାନର ସ୍ୱରୂପରେ ଜାରି ରଖିବା ଭଳି ବ୍ୟବସ୍ଥା ସାମିଲ ରହିଛି ।

ଜାତୀୟ ପରିବାର ଲାଭ ଯୋଜନା
ପ୍ରଧାନମନ୍ତ୍ରୀ ପରିବାର ଲାଭ ଯୋଜନା ।
ଦିବ୍ୟାଙ୍ଗଜନ ଭତ୍ତା ଯୋଜନା ଅଧୀନରେ ସହାୟତା ରାଶି ବର୍ତ୍ତମାନ ଜନ୍ମରୁ ୭୯ ବର୍ଷ ବୟସ ବର୍ଗ ପାଇଁ ୩୭୫ ଟଙ୍କା ଏବଂ ୮୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସ ବର୍ଗ ପାଇଁ ୬୨୫ ଟଙ୍କା ହେବ ।
ଏହି ଯୋଜନା ଅଧୀନରେ ବେଞ୍ଚମାର୍କ ଭିନ୍ନକ୍ଷମତାର ମାନଦଣ୍ଡ ବର୍ତ୍ତମାନର ୮୦% ପରିବର୍ତ୍ତେ ୪୦% ରହିବ ।
ଦିବ୍ୟାଙ୍ଗଜନ ଭତ୍ତା ପାଇଁ ସର୍ବନିମ୍ନ ବୟସ ମାନଦଣ୍ଡ ଏବେ ଜନ୍ମରୁ ଗ୍ରହଣ କରାଯିବ ।
ବୃଦ୍ଧ ଓ ବିଧବାମାନଙ୍କ ପାଇଁ ପେନ୍ ?ସନ୍ ଯୋଜନା ଏବଂ ପାରିବାରିକ ଲାଭ ଯୋଜନା ସେଗୁଡ଼ିକର ବର୍ତ୍ତମାନର ସ୍ୱରୂପରେ ଜାରି ରହିବ ।
ଏହି ଅନୁମୋଦନ ଦ୍ୱାରା ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୩.୨୦ କୋଟି ହିତାଧିକାରୀ ଉପକୃତ ହେବେ । ଦିବ୍ୟାଙ୍ଗଜନ ଭତ୍ତା ଅଧୀନରେ ଯୋଗ୍ୟତା ମାନଦଣ୍ଡରେ ପରିବର୍ତ୍ତନ, ହିତାଧିକାରୀଙ୍କ ସଂଖ୍ୟା ଏବଂ ସହାୟତା ହାର ସମ୍ବନ୍ଧୀୟ ମାର୍ଗଦର୍ଶିକା ତିନି ମାସ ମଧ୍ୟରେ ଜାରି ଏବଂ କାର୍ଯ୍ୟକାରୀ କରାଯିବ ।
ଭାରତୀୟ ସମ୍ବିଧାନର ଧାରା ୪୧ ଅନ୍ତର୍ଗତ 'ରାଷ୍ଟ୍ର ପରିଚାଳନା ସମ୍ବନ୍ଧୀୟ ନିର୍ଦ୍ଦେଶାତ୍ମକ ନୀତି' ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ପୂରଣ କରିବା ଏବଂ ଗରିବ ପରିବାରଗୁଡ଼ିକୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ୧୫ ଅଗଷ୍ଟ ୧୯୯୫ରେ 'ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ' (ଏନଏସଏପି) ଆରମ୍ଭ କରାଯାଇଥିଲା । ଏଥିରେ ଶତ ପ୍ରତିଶତ କେନ୍ଦ୍ରୀୟ ସହାୟତା ପ୍ରଦାନ କରିବାର ଲକ୍ଷ୍ୟ ହେଉଛି ଦେଶର ସବୁ ସ୍ଥାନରେ ହିତାଧିକାରୀମାନଙ୍କୁ ସମାନ ଭାବରେ ସହାୟତା ଉପଲବ୍ଧ କରାଇବା ।
ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଆଇନ, ୨୦୧୬ ଅଧୀନରେ ଦିବ୍ୟାଙ୍ଗ ଭତ୍ତା ପାଇଁ ଯୋଗ୍ୟତା ମାନଦଣ୍ଡରେ ପରିବର୍ତ୍ତନ ଆବଶ୍ୟକ ହେଇଥିଲା । ତେଣୁ ଏହାକୁ ୪୦ ପ୍ରତିଶତର 'ମାନକ ଭିନ୍ନକ୍ଷମତା' ସ୍ତର ସହିତ ଯୋଡ଼ା ଯାଇଥିଲା । ଏହା ସହିତ, ଦିବ୍ୟାଙ୍ଗ ସହାୟତା ସର୍ବଦା ଅନ୍ୟ ବର୍ଗଗୁଡ଼ିକୁ ପ୍ରଦାନ କରାଯାଉଥିବା ସମାନ ଯୋଜନା ଅପେକ୍ଷା ୨୫ ପ୍ରତିଶତ ଅଧିକ ହେବ ବୋଲି ବାଧ୍ୟତାମୂଳକ କରିଥିଲା ।

ରେଳ କର୍ମଚରୀଙ୍କୁ ୭୮ ଦିନର ବୋନସ୍

ଭୁବନେଶ୍ୱର : ରେଳ କର୍ମଚାରୀଙ୍କ ପାଇଁ ଖୁସି ଖବର । ଚଳିତ ପାର୍ବଣ ଋତୁରେ ସେମାନଙ୍କୁ କେନ୍ଦ୍ର ସରକାର ଭେଟି ଦେଉଛନ୍ତି ୭୮ ଦିନର ବୋନସ । ରେଳ ବିଭାଗରେ କାମ କରୁଥିବ ୧୧.୪୦ ଲକ୍ଷ କର୍ମଚାରୀ ଏଥିରେ ଉପକୃତ ହେବେ । ଏଥିପାଇଁ କେନ୍ଦ୍ର ସରକାର ଅତିରିକ୍ତ ୨୦୦୯.୬୧ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ । ଏହି ବୋନସ ରେଳବାଇର ଅଣଗେଜେଟେଡ କର୍ମଚାରୀମାନଙ୍କୁ ହିଁ ଉପଲବ୍ଧ ହେବ । ଯେମିତି କି ଟ୍ରାକ୍ ମେନ୍ ?ଟେନର, ଲୋକୋ ପାଇଲଟ୍ ?, ଟ୍ରେନ୍ ମ୍ୟାନେଜର, ଷ୍ଟେସନ ମାଷ୍ଟର, ସୁପର ଭାଇଜର, ଟେକ୍ନିସିଆନ୍ ଓ ଟେକ୍ ?ନିକାଲ ହେଲପର, ପଏଣ୍ଟମ୍ୟାନ, ମିନିଷ୍ଟରିଆଲ ଷ୍ଟାଫ ଏବଂ ଅନ୍ୟ ଗ୍ରୁପ ସି କର୍ମଚାରୀ । ଚଳିତ ବର୍ଷ ରେଳ କର୍ମଚାରୀଙ୍କ ଉତ୍କୃଷ୍ଟମାନର କାର୍ଯ୍ୟକୁ ଦୃଷ୍ଟିରେ ରଖି ପୁରସ୍କାର ସ୍ୱରୂପ ସେମାନଙ୍କୁ ଏହି ବୋନସ ପ୍ରଦାନ କରାଯିବ ବୋଲି ରେଳ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ରେଳ ମନ୍ତ୍ରାଳୟ ରେକର୍ଡ ପରିମାଣର ସଫଳତା ହାସଲ କରିଛି । ୨୦୨୫-୨୬ ବର୍ଷରେ ରେଳବାଇ ମୋଟ ୧,୬୭୦ ମିଲିୟନ ଟନ୍ ସାମଗ୍ରୀ ପରିବହନ କରିଥିବା ବେଳେ ୭.୪୧ ବିଲିୟନ ଯାତ୍ରୀ ପରିବହନ କରିଛି ।

ଆମେରିକା-ରୁଷ ଡିଜେଲ ଡିଲ୍: ଭାରତ ଉପରେ ଚାପ

ନୂଆଦିଲ୍ଲୀ : ଭାରତ ଉପରେ ରୁଷ ତେଲ କିଣିବା ପାଇଁ ଆମେରିକାର ଚାପ ଏବଂ ଏବେ ଟ୍ରମ୍ପ ପ୍ରଶାସନର ରୁଷ ଡିଜେଲ ଉପରେ କଟକଣା କୋହଳ କରିବା, ଏହା କ'ଣ ଶକ୍ତି ସୁରକ୍ଷାର ପ୍ରଶ୍ନ ନା ଅନ୍ତର୍ଜାତୀୟ ରାଜନୀତିରେ ଦ୍ୱୈତ ମାନଦରର ଉଦାହରଣ ବୋଲି ଚର୍ଚ୍ଚା କରାଯାଉଛି ।

ଯେତେବେଳେ ଭାରତ ରୁଷ ତେଲ କିଣେ, ଏହା ଯୁଦ୍ଧକୁ ପାଣ୍ଠି ଯୋଗାଇବାର ଅଭିଯୋଗ ଆସେ । କିନ୍ତୁ ଯେତେବେଳେ ଆମେରିକା ନିଜେ ରୁଷ ତେଲ କିଣିବା ପାଇଁ କଟକଣା କୋହଳ କରେ, ତା'ର ଯୁକ୍ତି ହେଉଛି ଇନ୍ଧନ ମୂଲ୍ୟକୁ ନିୟନ୍ତ୍ରଣ କରିବା ଏବଂ ଆମେରିକାର ସ୍ୱାର୍ଥକୁ ସୁରକ୍ଷା ଦେବା ।

ଏହା ଅନ୍ତର୍ଜାତୀୟ ରାଜନୀତିର ବିରୋଧାଭାସ, ଯେଉଁଠାରେ ନୈତିକ ମାନଦଣ୍ଡ ପ୍ରାୟତଃ ଏକ ଦେଶର ନିଜସ୍ୱ ଆବଶ୍ୟକତା ଅନୁସାରେ ପରିବର୍ତ୍ତନ ହେବା ପରି ମନେହୁଏ ।

ଅକ୍ଟୋବର ୨୦୨୬ ରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା ପରେ ରୁଷ ଡିଜେଲ ଯୋଗାଣ ପାଇଁ ଦ୍ୱାର ଖୋଲିବା ଘୋଷଣା କରିଥିଲେ ।

ଆମେରିକାର ଟ୍ରେଜେରୀ ବିଭାଗର କଟକଣା-ସମ୍ବନ୍ଧୀୟ ଲାଇସେନ୍ସ ରୁଷୀୟ ଡିଜେଲର ବିକ୍ରୟ, ଯୋଗାଣ ଏବଂ ଆମଦାନୀ ସହିତ ଜଡିତ କିଛି କାରବାର ପାଇଁ ଅସ୍ଥାୟୀ ଛାଡ ପ୍ରଦାନ କରିଥିଲା । ଏହି ଅନୁମତି ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି ।

ଟ୍ରମ୍ପ ପ୍ରଶାସନ ଯୁକ୍ତି ରଖିଛି ଯେ ଏହା ଇନ୍ଧନ ମୂଲ୍ୟ ଉପରେ ଚାପ କମ କରିବାରେ ସାହାଯ୍ୟ କରିପାରିବ । ଆମେରିକାରେ ଡିଜେଲ ମହଙ୍ଗା, ଏବଂ ନଭେମ୍ବରରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବାକୁ ଯାଉଛି । ଏହାର ଅର୍ଥ ହେଉଛି ଶକ୍ତି ମୂଲ୍ୟ କେବଳ ଏକ ଆର୍ଥିକ ସମସ୍ୟା ନୁହେଁ ବରଂ ଏକ ରାଜନୈତିକ ସମସ୍ୟା ।

ଏହି ନିଷ୍ପତ୍ତି ଆମେରିକୀୟ ରାଜନୀତି ମଧ୍ୟରେ ବିରୋଧ ସୃଷ୍ଟି କରିଥିଲା । ଆଇନ ପ୍ରଣେତାମାନେ ଚେତାବନୀ ଦେଇଥିଲେ ଯେ ରୁଷରୁ ଶକ୍ତି କ୍ରୟକୁ ଅନୁମତି ଦେବା ଦ୍ୱାରା ମସ୍କୋକୁ ଅତିରିକ୍ତ ରାଜସ୍ୱ ମିଳିପାରେ, ଯାହାକୁ ସେ ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧରେ ବ୍ୟବହାର କରିପାରିବ । କିଛି ଆଇନ ପ୍ରଣେତା ଏହାର ବୈଧତା ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି । ୟୁକ୍ରେନ ଯୁଦ୍ଧ ପରେ, ଭାରତ ରିହାତି ହାରରେ ରୁଷରୁ ଅଶୋଧିତ ତୈଳ କ୍ରୟ ବୃଦ୍ଧି କରିଛି । ଭାରତ ଯୁକ୍ତି ଦେଇଛି ଯେ ସେ ଏହାର ଶକ୍ତି ଆବଶ୍ୟକତା, ମୂଲ୍ୟ ଏବଂ ଗ୍ରାହକ ସ୍ୱାର୍ଥ ଉପରେ ଆଧାର କରି ନିଷ୍ପତ୍ତି ନେଇଥାଏ । ଭାରତ ଏହାର ଅଶୋଧିତ ତୈଳ ଆବଶ୍ୟକତାର ଏକ ବଡ଼ ଅଂଶ ଆମଦାନୀ କରେ, ତେଣୁ ବିଶ୍ୱ ଦର ବୃଦ୍ଧି ପରିବହନ, ମୁଦ୍ରାସ୍ଫୀତି ଏବଂ ଘରୋଇ ଖର୍ଚ୍ଚକୁ ପ୍ରଭାବିତ କରିପାରେ ।

ଏହା ସତ୍ତ୍ୱେ, ୱାଶିଂଟନ ଭାରତକୁ ରୁଷ ତୈଳ କ୍ରୟ କରିବାକୁ ଚାପ ପକାଇବା ଏବଂ ୨୦୨୫ ରେ ଅତିରିକ୍ତ ଶୁଳ୍କ ମଧ ଲାଗୁ କରିଥିଲା । ଆମେରିକା ପ୍ରଶାସନ ରୁଷ ଶକ୍ତିରୁ ରାଜସ୍ୱକୁ ରୁଷର ଯୁଦ୍ଧ ସମ୍ଭାବନା ସହିତ ଯୋଡ଼ି ଏହାର ନୀତିକୁ ରକ୍ଷା କରିଥିଲା ।

ଆଇନଗତ ଭାବରେ, ଅଶୋଧିତ ତୈଳ ଏବଂ ସମାପ୍ତ ଡିଜେଲ ମଧ୍ୟରେ ପାର୍ଥକ୍ୟ ଅଛି । ଯୋଗାଣ ଶୃଙ୍ଖଳ, ବଜାର ଏବଂ ପ୍ରଯୁଜ୍ୟ ପ୍ରତିବନ୍ଧକ ସର୍ତ୍ତାବଳୀ ଭିନ୍ନ ହୋଇପାରେ । ଆମେରିକାର ସଦ୍ୟତମ ପଦକ୍ଷେପ ପ୍ରତିବନ୍ଧକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନୁହେଁ, ବରଂ ନିର୍ଦ୍ଦିଷ୍ଟ କାରବାର ପାଇଁ ଏକ ଅସ୍ଥାୟୀ ଛାଡ । କିନ୍ତୁ ରାଜନୈତିକ ବିରୋଧାଭାସ ଜାରି ରହିଛି । ଯେତେବେଳେ ଭାରତର କ୍ରୟ ଉପରେ ନୈତିକ ଚାପ ପ୍ରୟୋଗ କରାଯାଇଥିଲା, ସେତେବେଳେ ଶକ୍ତି ବଜାର ଏବଂ ଜାତୀୟ ଆବଶ୍ୟକତାକୁ କାହିଁକି ଆମେରିକାର ନିଷ୍ପତ୍ତି ବର୍ତ୍ତମାନ ପ୍ରତିଫଳିତ କରୁଥିବା ଭଳି ପ୍ରାଥମିକତା ଦିଆଗଲା ନାହିଁ ?

ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି ପାଇଁ ବିପଦ ଭାବରେ ଆମେରିକା ରୁଷ ଶକ୍ତି ଉପରେ ଏହାର କଟକଣାକୁ ଯଥାର୍ଥ କରିଥିଲା । ଏହି ବ୍ୟାପକ ଯୁକ୍ତିକୁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଇବା ପାଇଁ ମଧ ବ୍ୟବହାର କରାଯାଇଥିଲା । କିନ୍ତୁ ଘରୋଇ ଇନ୍ଧନ ମୂଲ୍ୟ ବୃଦ୍ଧି ଏବଂ ନିର୍ବାଚନ ପାଖେଇ ଆସିବା ସହିତ, ନୀତି ନମନୀୟ ଦେଖାଯାଉଛି । ଟ୍ରମ୍ପ ପ୍ରଶାସନ ପାଇଁ, ଏହି ନିଷ୍ପତ୍ତି ଆମେରିକୀୟ ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବାର ଏକ ପ୍ରୟାସ ହୋଇପାରେ । କିନ୍ତୁ ସମାଲୋଚକମାନେ ପ୍ରଶ୍ନ କରନ୍ତି ଯେ ସମ୍ଭାବ୍ୟ ଆଶ୍ୱସ୍ତି ରୁଷକୁ ମିଳୁଥିବା ଆର୍ଥିକ ଲାଭ ଏବଂ ୟୁକ୍ରେନ ଯୁଦ୍ଧ ଉପରେ ଏହାର ପ୍ରଭାବକୁ ଅଧିକ କ'ଣ ।

ପ୍ରତ୍ୟେକ ବର୍ଗର ଲୋକଙ୍କୁ ମିଳିବ ପକ୍କା ଘର

ଭୁବନେଶ୍ୱର : ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ। ଶ୍ରମିକ ମାନେ ସୁଲଭ ଅବାସ ପାଇ ପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ ସମାଜର ପ୍ରତ୍ୟେକ ବର୍ଗଙ୍କୁ ପକ୍କା ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ। ଘାଟିକିଆ ଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ଲୋକାର୍ପିତ କରିଛନ୍ତି।ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି।

କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି। ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଲଥିଆ, ତମାଣ୍ଡୋ, ନଖରା, ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଣ୍ଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ।

ସହରରେ ପ୍ରବାସୀ ଶ୍ରମିକ ଓ ନିମ୍ନ ଆୟବର୍ଗର ପରିବାରଙ୍କୁ ସୁଲଭ ଭଡ଼ାରେ ଘର ଯୋଗାଇ ଦେବା ପାଇଁ "PMAY - Urban BANDHU" ଯୋଜନା ଆରମ୍ଭ କରାଯାଇଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଗାଡ଼କଣଠାରେ ସୁଲଭ ଭଡ଼ା ଆବାସ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ଶ୍ରମିକମାନେ ନିଜ କାର୍ଯ୍ୟସ୍ଥଳୀ ନିକଟରେ କମ୍ ଭଡ଼ାରେ ରହିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘାଟିକିଆସ୍ଥିତ 'ନୀଳକଣ୍ଠେଶ୍ୱର ରେସିଡେନ୍ସି'ର କେତେ ଜଣ ହିତାଧିକାରୀଙ୍କ ବାସଗୃହ ଆବଣ୍ଟନ କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ବୁଦ୍ଧବିହାର ବାସିନ୍ଦା ତୁଳସୀ ତିରିଆଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଦୁର୍ଗା ଚରଣ ସିଂହଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ରଶ୍ମିକା ନାଏକଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କା, ସର୍ବେଶ୍ୱର ଗୟାଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ପ୍ରଫୁଲ୍ଲ ମହାରଣାଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କାର ବ୍ୟାଙ୍କ ଋଣ ସହାୟତା ରାଶି ମଧ୍ୟ ନିଜ ହସ୍ତରେ ବିତରଣ କରିଛନ୍ତି ।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡ଼ିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ସମସ୍ତ ବସ୍ତି ବାସିନ୍ଦାଙ୍କୁ ସୁନ୍ଦର ତଥା ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖିଛନ୍ତି, ଯାହାଦ୍ୱାରା କେହି ବି ସେମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ। ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, ଆପଣମାନଙ୍କର ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେଲା । ଭୁବନେଶ୍ୱରରେ ନିଜର ଏକ ଘରଟିଏ କରିବା ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱପ୍ନ ହୋଇଥାଏ, ତେଣୁ ଯେତେବେଳେ ଜଣେ ଗରିବ ଲୋକ ଭୁବନେଶ୍ୱରରେ ନିଜର ଘରଟିଏ ପାଇବ, ସେ ନିଶ୍ଚିତ ଭାବରେ ଅତ୍ୟନ୍ତ ଆନନ୍ଦିତ ହେବ ।

ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ କହିଥିଲେ ଯେ, ସମସ୍ତଙ୍କୁ ଉତ୍ତମ ଖାଦ୍ୟ, ବାସଗୃହ ଓ ପୋଷାକ ଯୋଗାଇଦେବା ଆମର ମୂଳ ଲକ୍ଷ୍ୟ ଏବଂ ଏହା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର । ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ, ଭୁବନେଶ୍ୱରବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଖୁସିର ମୁହୂର୍ତ୍ତ ଏବଂ ଆପଣ ସମସ୍ତଙ୍କ ପାଇଁ ଏହା ଏକ ପୂଜା ଭେଟି ଅଟେ । ବିଡିଏର ଭାଇସ୍ ଚେୟାରମ୍ୟାନ୍ ତଥା ଭୁବନେଶ୍ୱର ମହାନଗର ନିଗମ କମିଶନର୍ ଚଞ୍ଚଲ ରାଣା ସ୍ୱାଗତ ଭାଷଣ ଦେଇଥିଲେ । ବିଡିଏର ସଚିବ ମାନସ ରଞ୍ଜନ ପାଢ଼ୀ ଧନ୍ୟବାଦ୍ ଦେଇଥିଲେ।

ବଡ଼ଦେଉଳ ଉପରେ ଉଡ଼ିଲା ଡ୍ରୋନ୍

ପୁରୀ : ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ। ବଡ଼ଦେଉଳ ଉପରେ ଡ୍ରୋନ୍ ଉଡ଼ାଇଲେ ଅମାନିଆ। ମଙ୍ଗଳବାର ଭୋର ପ୍ରାୟ ୫ଟା ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ତେବେ କିଏ ଏହି ଡ୍ରୋନ୍ ଉଡ଼ାଉଥିଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଘଟଣାକୁ ନେଇ ଚିନ୍ତା ବଢ଼ିଛି। କେଉଁ ସ୍ଥାନରୁ ଡ୍ରୋନ୍ ଉଡ଼ାଯାଇଥିଲା ଏବଂ କିଏ ଏହାକୁ ଉଡ଼ାଉଥିଲା। ସେନେଇ ପୁଲିସ ତଦନ୍ତ ଚଳାଇଛି। ତେବେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଏଯାଏଁ ଜଣାପଡ଼ିନାହିଁ। ଶ୍ରୀମନ୍ଦିର ଉପରେ ବିଭିନ୍ନ ସମୟରେ ଡ୍ରୋନ୍ ଉଡ଼ିବା ଘଟଣା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ଶ୍ରୀମନ୍ଦିର ଏକ ସମ୍ବେଦନଶୀଳ ଧାର୍ମିକ ସ୍ଥଳ ହୋଇଥିବାରୁ ଏଭଳି ଘଟଣାକୁ ଗୁରୁତ୍ୱର ସହ ନେବାକୁ ଦାବି ହେଉଛି। ଅନ୍ୟପଟେ, ଶ୍ରୀମନ୍ଦିରର ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ତୁରନ୍ତ ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜି ବ୍ୟବସ୍ଥା କରିବାକୁ ଦାବି ଉଠିଛି। ପୁଲିସ ତଦନ୍ତ ପରେ ଡ୍ରୋନ୍ ଉଡ଼ାଣ ପଛରେ କାହାର ହାତ ରହିଛି ଏବଂ କେଉଁ ଉଦ୍ଦେଶ୍ୟରେ ଏହା ଉଡ଼ାଯାଇଥିଲା, ସେନେଇ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିଶେଷ ଆକର୍ଷଣ

ନୂଆଦିଲ୍ଲୀ : ନୂଆଦିଲ୍ଲୀସ୍ଥିତ ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଓ ମାର୍ଟରେ ଆରମ୍ଭ ହୋଇଛି ୬୨ତମ ଆଇଏଚଜିଏଫ୍ ଦିଲ୍ଲୀ ଅଟମ୍ ଫେୟାର। ଏହି ଅନ୍ତର୍ଜାତୀୟ ସ୍ତରର ମେଳାରେ ବିଶେଷ ଆକର୍ଷଣ ସାଜିଛି 'ଓଡ଼ିଶା ମଣ୍ଡପ'। ମଙ୍ଗଳବାର ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଓଡ଼ିଶା ମଣ୍ଡପକୁ ଉଦ୍ଘାଟନ କରିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦର ବିଶେଷ ଚାହିଦା ରହିଛି। ତେଣୁ, ଏହାକୁ ଦେଶ ବିଦେଶର ବିଭିନ୍ନ ବ୍ୟବସାୟିକ ସଂସ୍ଥା, ଡିଜାଇନର ଓ ଗ୍ରାହକଙ୍କ ପାଖରେ ପହଞ୍ଚାଇବା ଲାଗି ଏହି ମେଳା ଏକ ପ୍ରମୁଖ ମାଧ୍ୟମ ହେବ। ଏହାସହ ଆମ ରାଜ୍ୟର ବୁଣାକାର ଓ କାରିଗରମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳିବା ସହ ସେମାନଙ୍କ ଜୀବିକା ସଶକ୍ତ ହେବ,'' ବୋଲି କହିଛନ୍ତି ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର। ନୂଆଦିଲ୍ଲୀର ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଓ ମାର୍ଟଠାରେ ଅକ୍ଟୋବର ୧୩ ରୁ ୧୭ ତାରିଖ ଯାଏ ଚାଲିବ ଏହି ମେଳା। ଏଠାରେ ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶା ମଣ୍ଡପ' ରେ ରାଜ୍ୟର ଅନନ୍ୟ କଳାକୃତି ଓ ବୟନ ଐତିହ୍ୟକୁ ପ୍ରଦର୍ଶନ କରାଯାଉଛି। ଓଡ଼ିଶାର ବିଶେଷ ପରିଚୟ ବହନ କରୁଥିବା ପଟ୍ଟଚିତ୍ର, ଟେରାକୋଟା, ପଥର ଖୋଦେଇ ସାମଗ୍ରୀ, ପିପିଲି ଚାନ୍ଦୁଆ, ଶାମୁକା କାରୁକାର୍ଯ୍ୟ, ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ଏବଂ ଢୋକ୍ରା କାରିଗରି ଆଦି ଏହି ମେଳାରେ ବିଶେଷ ଆକର୍ଷଣ ପାଲଟିଛି। ସେହିପରି ସମ୍ବଲପୁରୀ ବସ୍ତ୍ର, ଓଡ଼ିଶା ଇକତ୍, ବମକାଇ ଶାଢ଼ି, ଖଣ୍ଡୁଆ ପାଟ, କୋଟପାଡ଼ ଶାଢ଼ି, ଗୋପାଳପୁର ଟସର ଶାଢ଼ି ଏବଂ ହବସପୁରୀ ଶାଢ଼ି ସହ କରୁଣା ରେଶମ ରୁ ପ୍ରସ୍ତୁତ ଶାଢ଼ି ଏହି ମେଳାରେ ପ୍ରଦର୍ଶିତ ହେଉଛି। ଏହାସହ ହସ୍ତତନ୍ତରୁ ପ୍ରସ୍ତୁତ ଲାପଟପ୍ ବ୍ୟାଗ, ବେଡସିଟ୍, ଜ୍ୟାକେଟ୍, ଫାଇଲ୍, ପର୍ସ ସହିତ ଅନ୍ୟାନ୍ୟ ଘରସଜା ସାମଗ୍ରୀ ଏଠାରେ ଆକର୍ଷଣ ପାଲଟିଛି। ବିଭିନ୍ନ ପ୍ରକାର ରେଶମ ସୂତା ପ୍ରସ୍ତୁତିର ଲାଇଭ୍ ଡେମୋନଷ୍ଟ୍ରେସନ ମଧ୍ୟ ଏଠାରେ କରାଯାଉଛି। ଉଦଘାଟନୀ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ଅବସ୍ଥାପିତ ଅତିରିକ୍ତ ଆବାସିକ ଆୟୁକ୍ତ ସୁଚରିତା ଷଡ଼ଙ୍ଗୀ, ଅତିରିକ୍ତ ନିର୍ଦ୍ଦେଶକ ସେରିକଲଚର ତଥା ରେଶମ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଇଣ୍ଡିଆ ଏକ୍ସପୋ ସେଣ୍ଟର ଓ ମାର୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ସୁଦୀପ ସମରେନ୍ଦ୍ର ସରକାର, 'ଫିକି'ର ଅତିରିକ୍ତ ନିର୍ଦ୍ଦେଶକ ବ୍ରଜ କିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁହା ପୁନମ ତାପସ ଓଡ଼ିଶା ମଣ୍ଡପକୁ ବୁଲି ଦେଖିବା ସହ ଏଠାରେ ପ୍ରଦର୍ଶିତ ଅନନ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦର ପ୍ରଶଂସା କରିଛନ୍ତି।

ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ଜଗତସିଂହପୁର : ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ଗୋପାଳସାଗର ସ୍ଥିତ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିରରେ ଛାତ୍ର ସଂସଦ ନିର୍ବାଚନ ପ୍ରରିପେକ୍ଷୀରେ ବିଜେପିର ଏକ ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ସାମ୍ମାନୀତ ଅତିଥିଭାବେ ଜଗତସିଂହପୁର ଜଗତସିଂହପୁର ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗନ୍ନାଥ ଦାଶ,ଜଗତସିଂହପୁର ଜିଲ୍ଲା ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି କଳ୍ପନା ସର୍ଜନ ସିଂ, ପ୍ରାକ୍ତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କ୍ରିଷ୍ଣା ପ୍ରିୟା ମହାନ୍ତି, ସୁରେଶ ନନ୍ଦ, ସାମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ । ବିଜେପିର ଅନୁଷ୍ଠିତ ବୈଠକ ରେ ଜଗତସିଂହପୁର ରେ ଛାତ୍ର ସଂସଦ ନିର୍ବାଚନ ରେ କିପରି ସମସ୍ତ ପାର୍ଥି ବିଜୟୀ ହୋଇ ପାରିବେ ସେ ସମ୍ପର୍କରେ ସମସ୍ତ ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ସଭା କାର୍ଯ୍ୟକ୍ରମକୁ ପୂର୍ବତନ କାଉନସିଲର ସୁଶାନ୍ତ ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ । ଏହା ପରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ର ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦୀତା କରୁଥିବା ଏବିଭିପିର ଛାତ୍ର ଛାତ୍ର ଏବିଭିପିର ସଭାପତି ପାର୍ଥି ଶାଶ୍ୱତୀ ସୌମ୍ୟା ସ୍ୱାଇଁ,ଉପସଭାପତି ସ୍ୱଦେଶ କୁମାର ନାୟକ, ସାଧାରଣ ସମ୍ପାଦକ ବିଶ୍ୱଜିତ ପ୍ରଧାନ, ସହ ସମ୍ପାଦକ ସରୋଜିନୀ ବରାଳ, କ୍ରୀଡ଼ା ସମ୍ପାଦକ ସୌମ୍ୟ ରଞ୍ଜନ ଜେନା, ସହ କ୍ରୀଡ଼ା ସମ୍ପାଦକ ବିବେକ ବିଶ୍ୱାଳ, ସୋସିଆଲ ସର୍ଭିସ ସମ୍ପାଦକ ରୁଦ୍ର ପ୍ରସାଦ ନାୟକ, ସାଂସ୍କୃତିକ ସମ୍ପାଦକ ଆଶୁତୋଷ ପରିଡା, ସହ ସାଂକୃତିକ ସମ୍ପାଦକ ଏସ କେ ସାହିଲ, ଡିଏସ ସମ୍ପାଦକ ହିମାଂଶୁ ପାଲ, ସହ ଡିଏସ ସମ୍ପାଦକ ସୌରଜିତ ବେହେରା, ସେକ୍ରେଟାରୀ ବଏଜ କମନ ରୁମ ଆକାଶ ସାହୁ, ସହ ସମ୍ପାଦକ ବଏଜ କମନ ରୁମ ଓମ ପ୍ରକାଶ ବେହେରା, ଗାର୍ଲସ କମନ ରୁମ ସମ୍ପାଦକ ବର୍ଷା ରାଣୀ ସାହୁ, ସେକ୍ରେଟାରୀ ସାଇନ୍ସ ସୋସାଇଟି ସେକ୍ରେଟାରୀ ବିଶ୍ୱଜିତ ବେହେରା, ସହ ସାଇନ୍ସ ସୋସାଇଟ ସେକ୍ରେଟାରୀ ସୁଭଦ୍ରା ପଣ୍ଡା ସମସ୍ତ ପାର୍ଥି ଉପସ୍ଥିତ ନେତୃ ମଣ୍ଡଳୀ ମାନଙ୍କ ନିକଟରେ ଭୋଟ ଭିକ୍ଷା କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଦ୍ରୁତ ଗତିରେ ଆଗକୁ ବଢୁଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବା ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟ ପକ୍ଷରୁ ଏକ ସଂକଳ୍ପ ପାରିତ କରାଯାଇଛି । କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ଯେ ଭାରତର ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ୧୨ ବର୍ଷର ସମୟ ହେଉଛି ଦେଶର କାୟାକଳ୍ପର ସମୟ ।ତାଙ୍କ ନେତୃତ୍ୱରେ ଭିତ୍ତିଭୂମି ବିକାଶ, ଶିଳ୍ପାୟନ, ଗରିବ କଲ୍ୟାଣ, ଯୁବଶକ୍ତିର ସଶକ୍ତିକରଣ ଓ ଆତ୍ମନିର୍ଭର ଭାରତ ଗଠନ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଇଛି । ମହିଳା, କୃଷକ, ଗରିବ ଓ ଯୁବବର୍ଗଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି ।

ମୋଦୀଙ୍କ ନେତୃତ୍ୱରେ ଆଜିର ଭାରତ ୨୦୧୪ ପୂର୍ବର ଭାରତ ଠାରୁ ଏକ ନୂଆ ଭାରତରେ ପରିଣତ ହୋଇଛି । ତାଙ୍କର ପ୍ରତ୍ୟେକ ପଦକ୍ଷେପରେ ଇଣ୍ଡିଆ ଫାଷ୍ଟ (ଓଭ-ୟସବ ରସକ୍ୱସ୍ପ୍ୱ) ନୀତି ଅବଲମ୍ବନ କରିଆସୁଛନ୍ତି ।ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଓ ପୂର୍ବୋଦୟ ଯୋଜନାରେ ରାଜ୍ୟର ଭୂମିକାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ରେଳ, ସଡ଼କ, ବିମାନ ଓ ଜଳପଥ ଭିତ୍ତିଭୂମିର ସମ୍ପ୍ରସାରଣ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ନୂଆ ଦିଗ ମିଳିଛି ।

ଗତ ୧୨ ବର୍ଷରେ କେନ୍ଦ୍ର

ସରକାରଙ୍କ ପକ୍ଷରୁ ଓଡିଶାର ବିକାଶ ପ୍ରତି ଗୁରୁତ୍ୱ ଦେଇଛନ୍ତି ।୨୦୧୪ରୁ ଓଡ଼ିଶାରେ ୨,୨୩୬ କିଲୋମିଟର ନୂତନ ରେଳପଥ ନିର୍ମାଣ ଓ ଶତପ୍ରତିଶତ ରେଳ ବିଦ୍ୟୁତୀକରଣ ହୋଇଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ, ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଏବଂ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ୫୯ଟି ଷ୍ଟେସନ୍ର ପୁନର୍ବିକାଶକୁ ରାଜ୍ୟର ରେଳ ଭିତ୍ତିଭୂମି ବିକାଶର ପ୍ରମୁଖ ପଦକ୍ଷେପ ଭାବେ ଉଲ୍ଲେଖ କରାଯାଇଛି ।

ରାଜ୍ୟର ସଡକ ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇ ୧୧୧ କିଲୋମିଟର ଦୀର୍ଘ ୬-ଲେନ୍ ବିଶିଷ୍ଟ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ଼ ପାଇଁ ୮ ହଜାର ୩୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ।ଓଡ଼ିଶା ଉପକୂଳ ରାଜପଥ ପାଇଁ ପ୍ରାୟ ୮,୩୦୦ କୋଟି ଟଙ୍କାର ପ୍ରକଳ୍ପ ଉଲ୍ଲେଖନୀୟ । ଏହା ସହିତ ଝାରସୁଗୁଡ଼ା ବିମାନବନ୍ଦର, ବାହୁଦା ମୁହାଣରେ ପ୍ରସ୍ତାବିତ ଗଭୀର ସମୁଦ୍ର ବନ୍ଦର ଓ କେନ୍ଦ୍ରାପଡ଼ାରେ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟରକୁ ଶିଳ୍ପ ବିକାଶର ନୂଆ ସମ୍ଭାବନା ଭାବେ ଦେଖାଯାଉଛି ।

ଓଡିଶାର ସଡକ ପଥ, ରେଳପଥ, ଆକାଶପଥ ଓ ଜଳପଥ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୋଦୀ ସରକାରଙ୍କ ସମୟରେ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ସ୍ୱାଧୀନ ଭାରତ ଇତିହାସରେ କେବେ ବି ଦେଖିବାକୁ ମିଳି ନଥିଲା ।

ଶିକ୍ଷା, ଶିଳ୍ପ ଓ ପ୍ରଯୁକ୍ତି କ୍ଷେତ୍ରରେ ବ୍ରହ୍ମପୁରରେ ଆଇଜର, ସମ୍ବଲପୁରରେ ଆଇଆଇଏମ୍, ରାଉରକେଲା ଇସ୍ପାତ କାରଖାନାର ଆଧୁନିକୀକରଣ, ଭୁବନେଶ୍ୱରରେ ଡାଟା ସେଣ୍ଟର ଏବଂ ଇନଫୋଭ୍ୟାଲିରେ ଇଲେକ୍ଟ୍ରୋନିକ୍ସ ଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ତାଳଚେରରେ କୋଇଲା ଗ୍ୟାସିଫିକେସନ୍ ମାଧ୍ୟମରେ ସାର ଉତ୍ପାଦନ ପଦକ୍ଷେପ ନିଆଯାଇଛି ।

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ରାଜ୍ୟ ପାଇଁ ଦୁଇଟି ଦୀର୍ଘମିଆଦୀ ଭିଜନ୍ ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ଭିତ୍ତିଭୂମି, ଶିଳ୍ପ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏହି ପଦକ୍ଷେପଗୁଡ଼ିକ ଆଗାମୀ ଦିନରେ ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ ।

ମୁକ୍ତ ବାଣିଜ୍ୟ ରାଜିନାମା ମାଧ୍ୟମରେ

ବିଶ୍ୱ ବଜାରରେ ସୁଯୋଗ ଖୋଜୁଛି ଓଡ଼ିଶା

ଭୁବନେଶ୍ୱର : ମୁକ୍ତ ବାଣିଜ୍ୟ ରାଜିନାମା ଜରିଆରେ ଓଡ଼ିଶା ନିଜ ଉତ୍ପାଦ ପାଇଁ ବିଶ୍ୱ ବଜାରରେ ସୁଯୋଗ ସନ୍ଧାନରେ ରହିଛି । ବିଶ୍ୱ ବ୍ୟବସାୟ କ୍ଷେତ୍ରରେ ଓଡ଼ିଶାର ପ୍ରଭାବ ବିସ୍ତାର କରିବା ସହିତ ରାଜ୍ୟର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ପାଇଁ ରପ୍ତାନି ଦକ୍ଷତା ବୃଦ୍ଧି ପାଇଁ ଆଜି ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରାଯାଇଥିଲା । ‘‘ଏଫଟିଏର ଉପଯୋଗ – ଜନସମ୍ପର୍କ କାର୍ଯ୍ୟକ୍ରମ’’ ଶୀର୍ଷକ ଏହି କର୍ମଶାଳାରେ ନୀତି ନିର୍ଦ୍ଧାରକ, ବାଣିଜ୍ୟ ବିଶେଷଜ୍ଞ, ଶିଳ୍ପ ପ୍ରତିନିଧି ଏବଂ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ । ସେମାନେ ଭାରତର ବିଭିନ୍ନ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ)ରେ ଓଡ଼ିଶାର ରପ୍ତାନି ସମ୍ଭାବନା ସମ୍ପର୍କରେ ବିଚାରବିମର୍ଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭାରତର ବାଣିଜ୍ୟିକ ଚୁକ୍ତିନାମାଗୁଡ଼ିକରୁ ମିଳୁଥିବା ସୁଯୋଗଗୁଡ଼ିକୁ ରାଜ୍ୟର ଶିଳ୍ପ ଓ ଉଦ୍ୟୋଗୀମାନଙ୍କ ପାଇଁ ବାସ୍ତବ ଲାଭରେ ପରିଣତ କରିବା ଉପରେ ଆଲୋକପାତ କରିଥିଲେ । ଶିଳ୍ପ ନିର୍ଦ୍ଦେଶକ ତଥା ଆଇଏଏସ୍ ଅଧିକାରୀ ଆବୋଲି ସୁନୀଲ ନରୱଣେ ଧନ୍ୟବାଦ ଅର୍ପଣ କରିଥିଲେ । ସେ ଏହି କର୍ମଶାଳାକୁ ଆଲୋଚନାର ଏକ ସାର୍ଥକ ମଞ୍ଚରେ ପରିଣତ କରିବା ଦିଗରେ ସମସ୍ତ ଅଂଶୀଦାରଙ୍କ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ ।

ଏହି କର୍ମଶାଳାରେ ଏଫଟିଏ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଏବଂ ଓଡ଼ିଶାର ବିଭିନ୍ନ ବ୍ୟବସାୟ ସଂସ୍ଥା, ବିଶେଷକରି ଏମଏସଏମଇ ପାଇଁ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ, ସେମାନଙ୍କର ରପ୍ତାନି ଗନ୍ତବ୍ୟସ୍ଥଳକୁ ବିବିଧ କରିବା ଏବଂ ସେମାନଙ୍କର ପ୍ରତିଯୋଗିତାମୂଳକ କ୍ଷମତା ବୃଦ୍ଧି କରିବା ପାଇଁ ବ୍ୟବହାରିକ ଉପାୟ ଚିହ୍ନଟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଇଞ୍ଜିନିୟରିଂ ସାମଗ୍ରୀ, ସ୍ପେୟାର ପାର୍ଟସ, କୃଷି ଉତ୍ପାଦ, ସାମୁଦ୍ରିକ ଉତ୍ପାଦ, ବୟନ ଏବଂ ହସ୍ତଶିଳ୍ପ ଉତ୍ପାଦ, ରାସାୟନିକ ଉତ୍ପାଦ, ରତ୍ନ ଏବଂ ଅଳଙ୍କାର ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ସମ୍ଭାବନାକୁ ବ୍ୟବହାର କରି ଇସ୍ପାତ ବ୍ୟତୀତ ରାଜ୍ୟର ରପ୍ତାନି ବାସ୍କେଟକୁ ବିସ୍ତାର କରିବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ଏଫଟିଏର ପ୍ରଭାବଶାଳୀ ବ୍ୟବହାର ବଜାର ପ୍ରବେଶ ପାଇଁ ନୂତନ ରାସ୍ତା ଖୋଲିପାରିବ, ନିବେଶକୁ ଆକର୍ଷିତ କରିପାରିବ, ଶିଳ୍ପ ପ୍ରସାରକୁ ଉତ୍ସାହିତ କରିପାରିବ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି ବକ୍ତାମାନେ କହିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତ ବାଣିଜ୍ୟିକ ଭାଗୀଦାରୀ ଏବଂ ବଜାର-ଭିତ୍ତିକ ପଦକ୍ଷେପ ମାଧ୍ୟମରେ ବିଶ୍ୱ ଅର୍ଥବ୍ୟବସ୍ଥା ସହିତ ନିଜର ସମ୍ପୃକ୍ତିକୁ ବୃଦ୍ଧି କରୁଛି । ଏହି ଜାତୀୟ ଦୃଷ୍ଟିକୋଣକୁ ସମର୍ଥନ କରି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ନିଜର ଶିଳ୍ପଗତ କ୍ଷମତାର ଉପଯୋଗ କରିବା, ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱସ୍ତରୀୟ ମୂଲ୍ୟ ଶୃଙ୍ଖଳାରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛି ।

ଉଦଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗର କମିଶନର ତଥା ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ବାଣିଜ୍ୟ ବିଭାଗର ବରିଷ୍ଠ ଆର୍ଥିକ ପରାମର୍ଶଦାତା ତଥା ଯୁଗ୍ମ ସଚିବ ଅଗ୍ରିମ କୌଶଲ, ଭାରତର ବାଣିଜ୍ୟିକ ଚୁକ୍ତିନାମା ସହିତ ଜଡ଼ିତ ସୁଯୋଗଗୁଡ଼ିକ ଉପରେ ଆଲୋକପାତ ପ୍ରସ୍ତୁତ କରିଥିଲେ । କର୍ମଶାଳାର ବୈଷୟିକ ଅଧିବେଶନଗୁଡ଼ିକରେ ଓଡ଼ିଶାର ଉଦୀୟମାନ ରପ୍ତାନି ସୁଯୋଗ ଏବଂ ଅବ୍ୟବହୃତ ସମ୍ଭାବନା ଅନୁସନ୍ଧାନ କରାଯାଇଥିଲା । ଏହାସହିତ ରାଜ୍ୟର କୃଷି ଏବଂ ଉତ୍ପାଦନ କ୍ଷେତ୍ରର ଉତ୍ପାଦନ କ୍ଷମତା ଉପରେ ଆଲୋଚନା କରାଯାଇଥିଲା ।

ରାଜ୍ୟ କ୍ୟାବିନେଟ ବୈଠକ

ନବମ, ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମାଗଣାରେ ବହି

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୪୮ ତମ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୧ଟି ବିଭାଗର ୧୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି ।

ବୈଠକରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ୨ଟି, ଶିଳ୍ପ ବିଭାଗର ୧ଟି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୧ଟି, ଅର୍ଥ ବିଭାଗର ୧ଟି, ଇଲେକ୍ଟ୍ରୋନିକ ଓ ଆଇଟି ବିଭାଗର ୧ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୧ଟି, ଜଳ ସମ୍ପଦ ବିଭାଗର ୩ଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩ଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧ଟି ଏବଂ ଗୋଟିଏ ପ୍ରସ୍ତାବ ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନର ସତ୍ରାବସାନ (ସଂସଦୀୟ ବ୍ୟାପାର)ସମ୍ପର୍କିତ ରହିଥିଲା

କ୍ୟାବିନେଟ ନିଷ୍ପତ୍ତି ଅନୁସାରେ Level-II (ABEO)ର ବରିଷ୍ଠତା ଏଣିକି Level-III ର ଚାକିରି ଅବଧି ଆଧାରରେ ନୁହେଁ। ପୁରୁଣା ନିୟମ ଯୋଗୁଁ ଜୁନିୟର ଶିକ୍ଷକ ସିନିୟର ଠାରୁ ଉପରକୁ ଚାଲି ଯାଉଥିଲେ। ଏଣିକି ବରିଷ୍ଠତା ତାଲିକାର ପୋଜିସନ ଅନୁସାରେ ନିର୍ଦ୍ଧାରଣ ହେବ। ସେହିପରି ଶିଳ୍ପ ପୁନର୍ଗଠନ ପାଇଁ ଷ୍ଟାମ୍ପ ଡ୍ୟୁଟି ସୀମା ନିର୍ଦ୍ଧାରଣକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। କମ୍ପାନୀ ମିଶ୍ରଣ, ପୁନର୍ଗଠନ, ଡି-ମର୍ଜର ଏବଂ ବୁଝାମଣା ସମୟରେ ଷ୍ଟାମ୍ପ ଡ୍ୟୁଟି କମ୍ ହେବ। ଜଳ ସମ୍ପଦ ବିଭାଗରେ ଡିପ୍ଲୋମା ଇଞ୍ଜିନିୟର କ୍ୟାଡର ପୁନର୍ଗଠନକୁ ଅନୁମୋଦନ କରାଯାଇଛି ।

ସେହିପରି ବଲାଙ୍ଗିର ଜିଲ୍ଲା ତୁସ୍ରାପାଲି ଗାଁରେ In-Stream Water Storage ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ପ୍ରକଳ୍ପ ପାଇଁ ୧୦୫ କୋଟି ୬୨ ଲକ୍ଷ ୩୩ ହଜାର ଟଙ୍କାର ଟେଣ୍ଡର ଅନୁମୋଦନ ହେବ । ତେଲ ନଦୀର ଶାଖା ଲାନ୍ଥ ନଦୀ ଉପରେ ନିର୍ମାଣ ହେବ। ୩୦ ମାସରେ କାମ ସରିବା।ସଇଁତଲା ବ୍ଲକର ୧୨ ଟି ମରୁଡି ପ୍ରବଣ ଗାଁକୁ ବର୍ଷ ସାରା ପିଇବା ପାଣି ଯୋଗାଣ ହେବ।

ମାଧ୍ୟମିକ ଶିକ୍ଷକ ନିଯୁକ୍ତି ନିୟମରେ ବଡ଼ ପରିବର୍ତ୍ତନ କରାଯାଇଛି। ରାଜ୍ୟସ୍ତରୀୟ ସମାନ କ୍ୟାଡର ବ୍ୟବସ୍ଥା ହେବ, ପ୍ରମୋସନ ସୁବିଧା ବଢିବ। ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଷ୍ଟେଟ୍ କ୍ୟାଡର ମାନ୍ୟତା ମିଳିବ। ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ମାଧ୍ୟମିକ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟ ପୁସ୍ତକ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଚି। Supply of Free Textbooks ଯୋଜନାରେ ଝଉ/ଝଞ ବ୍ୟତୀତ ଅନ୍ୟ ବର୍ଗର ପିଲାଙ୍କୁ ମିଳିବ ମାଗଣା ବହି। ରାଜ୍ୟର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଏହି ଯୋଜନା ଲାଗୁ ହେବ।

ଦକ୍ଷତା ବିକାଶ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସେହିପରି ପୁରୀ ଜିଲ୍ଲା ଅସ୍ତରଙ୍ଗ (ନୂଆଗଡ଼)ରେ ଫିସିଂ ହାର୍ବର ଷ୍ଟେଜ-II ନିର୍ମାଣକୁ ଅନୁମୋଦନ କରାଯାଇଛି। ସେହିପରି କେନ୍ଦୁଝରରେ ହେବ ବଡ଼ ଡାଟା ସେଣ୍ଟର । ଏଥିପାଇଁ ଖର୍ଚ୍ଚ ହେବ ୧୭୬ କୋଟି ୮୩ ଲକ୍ଷ ଟଙ୍କା । ୯ ମାସରେ ନିର୍ମାଣ ଶେଷ ହେବ। ମତ୍ସ୍ୟ ବିଭାଗରେ ବଡ଼ ପୁନର୍ଗଠନ କରାଯାଇଛି। Odisha Subordinate Fisheries Service Cadreକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସହରାଞ୍ଚଳ ଜଳ ନିଷ୍କାସନ ପରିଚାଳନା ପାଇଁ ୫୦୦ କୋଟି ଟଙ୍କା ଏବଂ କଟକ ମହାନଦୀ ୱାଟରଫ୍ରଣ୍ଟର ସମନ୍ୱିତ ବିକାଶ ପାଇଁ ଟେଣ୍ଡରକୁ ଅନୁମୋଦନ ମିଳିଛି।

ମହିଳାଙ୍କ ପାଇଁ ୪୦ଟି ଇ-ରିକ୍ସା ବ୍ୟବସ୍ଥା

ଭୁବନେଶ୍ୱର : ସମ୍ବଲପୁରରେ ମହିଳା ସୁରକ୍ଷା ପାଇଁ ବଡ ନିଷ୍ପତ୍ତି ନିଆଯାଇଛି। ମହିଳାଙ୍କ ନିରାପଦ ଯାତାୟତକୁ ଗୁରୁତ୍ୱ ଦିଆଯାଇଛି। 'ଶକ୍ତି ସାରଥୀ' ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୋଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ଓ ତ୍ୱରିତ ସହାୟତା ପ୍ରଦାନ ପ୍ରସ୍ତାବ ରହିଛି। 'ପ୍ରତିକ୍ରିୟା' ଯୋଜନାରେ ୧୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଓ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ମହିଳାଙ୍କୁ ଆବଶ୍ୟକ ସହାୟତା ଓ ଉଦ୍ଧାର ସେବା ଯୋଗାଇବାର ଯୋଜନା ରହିଛି। 'ଦୃଷ୍ଟି' ଅଧୀନରେ ୨୧୦ଟି ସ୍ଥାନରେ ୮୦୦ଟି ସିସିଟିଭି କ୍ୟାମେରା ସ୍ଥାପନ କରି ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ସେହିପରି 'ଏସ୍-ଷ୍ଟପ୍' ଅଧୀନରେ ପାଞ୍ଚଟି ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରାଯିବାର ଯୋଜନା ରହିଛି।

ନିର୍ଭୟା ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ପାଇଁ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରସ୍ତାବିତ ଯୋଜନାଗୁଡ଼ିକର ରୂପରେଖ ଉପସ୍ଥାପନ କରିଥିଲେ।ଏହି ପଦକ୍ଷେପ ଅଧୀନରେ ମୋଟ ୧୦ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ନଅଟି ପ୍ରମୁଖ ଉଦ୍ୟମ ପ୍ରସ୍ତାବିତ ହୋଇଛି। ଏଥିରେ ମହିଳା ପୋଲିସଙ୍କ ଦ୍ୱାରା ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। ମହିଳାଙ୍କ ପାଇଁ ନିରାପଦ ଓ ସୁଲଭ ଯାତାୟାତ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ସହଯାତ୍ରା' ଅଧୀନରେ ୪୦ଟି ଗୋଲାପୀ ଇ-ରିକ୍ସା ପରିଚାଳନା ପ୍ରସ୍ତାବିତ ହୋଇଛି। 'ନିର୍ଭୟା ସଦନ' ଯୋଜନାରେ ଜିଲ୍ଲା ଅଦାଲତ ପରିସର, ରେଳ ଷ୍ଟେସନ, ବୁର୍ଲା ଚିକିତ୍ସା ଅଞ୍ଚଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାରିଟି ସହାୟତା କେନ୍ଦ୍ର ସ୍ଥାପନ ପ୍ରସ୍ତାବ ରହିଛି। 'ସାଥୀ' ଅଧୀନରେ ଛଅଟି ଶୌଚାଳୟ ଓ ନର୍ସିଂ ସୁବିଧା ସ୍ଥାପନ ସହ 'ଯାତ୍ରା' ଅଧୀନରେ ୫୦ଟି ଶିକ୍ଷାନୁଷ୍ଠାନର ବସ୍ ପାଇଁ ବାସ୍ତବ ସମୟ ଟ୍ରାକିଂ ବ୍ୟବସ୍ଥା ବିକାଶ କରିବାର ପ୍ରସ୍ତାବ ରହିଛି । ଏହା ସହିତ 'ସଚେତନା' ଅଧୀନରେ ମହିଳା ସୁରକ୍ଷା ସମ୍ପର୍କିତ ସଚେତନତା, ଆତ୍ମରକ୍ଷା ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ଶିକ୍ଷା ଓ ଗୋଷ୍ଠୀ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି।

ଭାରତ ପକ୍ଷରୁ ଆୟୋଜିତ ପ୍ରଥମ ବିମଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଭାରତ ପକ୍ଷରୁ ପ୍ରଥମ ବିମ୍‌ଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ ଆୟୋଜିତ ହୋଇଛି। ଏହି ବୈଠକରେ ବଙ୍ଗୋପସାଗର କ୍ଷେତ୍ରରେ ଆଞ୍ଚଳିକ ସୁରକ୍ଷା ସୁଦୃଢ଼ କରିବା, ପାରସ୍ପରିକ ବିଶ୍ୱାସ ବୃଦ୍ଧି କରିବା ଏବଂ ସହଯୋଗକୁ ଅଧିକ ମଜବୁତ କରିବା ନେଇ ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାମୂହିକ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଯାଇଛି।

ନିଜ ଅଭିଭାଷଣରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ବିମ୍‌ଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ ଆୟୋଜନ କରିବା ଭାରତ ପାଇଁ ଅତ୍ୟନ୍ତ ଗର୍ବ ଓ ସୌଭାଗ୍ୟର ବିଷୟ। ସେ କହିଛନ୍ତି ଯେ, ବିମ୍‌ଷ୍ଟେକ୍ ଆଞ୍ଚଳିକ ଏକୀକରଣ, ଆର୍ଥିକ ସହଯୋଗ ଏବଂ ସାମୂହିକ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଉଭା ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ 'ବିଶ୍ୱମିତ୍ର' ଭାବନାକୁ ନେଇ ଆଗକୁ ବଢୁଛି ଏବଂ ଶାନ୍ତି, ସହାବସ୍ଥାନ ଓ ମାନବ କଲ୍ୟାଣ ପ୍ରତି ସର୍ବଦା ପ୍ରତିବଦ୍ଧ ରହିଆସିଛି।

ଶ୍ରୀ ଶାହ କହିଛନ୍ତି, ପ୍ରଧାନମନ୍ତ୍ରୀ ଏପ୍ରିଲ ୪, ୨୦୨୫ରେ ବ୍ୟାଙ୍କକରେ ଷଷ୍ଠ ବିମଷ୍ଟେକ୍ ଶିଖର ସମ୍ମିଳନୀ ଅବସରରେ କହିଥିଲେ, 'ଆମ ପାଇଁ ବିମଷ୍ଟେକ୍ କେବଳ ଏକ ଆଞ୍ଚଳିକ ସଂଗଠନ ନୁହେଁ। ଏହା ଆମର ସମାବେଶୀ ବିକାଶ ଏବଂ ସୁରକ୍ଷା ପାଇଁ ଏକ ମଡେଲ। ଶ୍ରୀ ଶାହ କହିଲେ, ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ, ଆଜି ଗୃହ ମନ୍ତ୍ରୀ ଭାବେ ଏହା ଆମର ଦାୟିତ୍ୱ ଯେ ଆମେ ଆମର ସହଯୋଗକୁ ବ୍ୟବହାରିକ ବ୍ୟବସ୍ଥାରେ ପରିଣତ କରିବା, ଯାହା ଆମର ନାଗରିକମାନଙ୍କ ସୁରକ୍ଷା ଏବଂ ଆମର ସଂସ୍ଥାଗୁଡ଼ିକର ସାମର୍ଥ୍ୟକୁ ସୁଦୃଢ଼ କରିବ।

କେନ୍ଦ୍ର ଗୃହମନ୍ତ୍ରୀ ଆତଙ୍କବାଦ ପ୍ରତି ଭାରତର 'ଶୂନ୍ୟ ସହନଶୀଳତା' ନୀତି ଉପରେ ଗୁରୁତ୍ୱାରୋପ କରିବା ସହ ଆତଙ୍କବାଦ, ସୀମାପାର ସଂଗଠିତ ଅପରାଧ, ନିଶାଦ୍ରବ୍ୟ ଚୋରାଚାଲାଣ, ମାନବ ଚାଲାଣ ଏବଂ ଉଦୀୟମାନ ସାଇବର ବିପଦର ମୁକାବିଲା ପାଇଁ ଅଧିକ ସହଯୋଗ ଉପରେ ଆହ୍ୱାନ ଦେଇଥିଲେ। ଅପରାଧୀ ଓ ଆତଙ୍କବାଦୀଙ୍କୁ ନ୍ୟାୟ ବ୍ୟବସ୍ଥା ଅଧୀନକୁ ଆଣିବା ପାଇଁ ସମୟୋଚିତ ଗୁଇନ୍ଦା ସୂଚନା ଆଦାନପ୍ରଦାନ, ଆର୍ଥିକ ତଦନ୍ତ, ପାରସ୍ପରିକ ଆଇନଗତ ସହାୟତା ଏବଂ ପ୍ରତ୍ୟର୍ପଣର ଗୁରୁତ୍ୱ ଉପରେ ସେ ଜୋର ଦେଇଥିଲେ। ଶ୍ରୀ ଅମିତ ଶାହ କହିଥିଲେ ଯେ, ଏହି ଅଞ୍ଚଳର କୌଣସି ସ୍ଥାନରେ ଆତଙ୍କବାଦୀ ନେଟୱର୍କକୁ ଆଶ୍ରୟ ନେବା, ସଦସ୍ୟ ନିଯୁକ୍ତି କରିବା, ପ୍ରଶିକ୍ଷଣ ଦେବା, ପାଣ୍ଠି ସଂଗ୍ରହ କରିବା କିମ୍ବା ପଡ଼ୋଶୀ ଦେଶଗୁଡ଼ିକ ବିରୋଧରେ କାର୍ଯ୍ୟକଳାପ ଚଳାଇବାକୁ ଅନୁମତି ନଦେବା ଆମର ସାମୂହିକ ସଂକଳ୍ପ ହେବା ଉଚିତ। ଜାତୀୟ ଆଇନ ଏବଂ ପ୍ରଯୁଜ୍ୟ ଚୁକ୍ତିନାମା ଅନୁଯାୟୀ, ପାରସ୍ପରିକ ଆଇନଗତ ସହାୟତା ଓ ପ୍ରତ୍ୟର୍ପଣ କ୍ଷେତ୍ରରେ ସହଯୋଗ ଅପରାଧୀଙ୍କୁ ନ୍ୟାୟ ଦେବା ଦିଗରେ ଆମର ପ୍ରୟାସକୁ ଅଧିକ ସୁଦୃଢ଼ କରିପାରିବ ବୋଲି ସେ କହିଥିଲେ।

ଗୃହ ମନ୍ତ୍ରୀ ସହଯୋଗର ପାଞ୍ଚଟି ପ୍ରମୁଖ କ୍ଷେତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ: ନିଶାଦ୍ରବ୍ୟ ନିୟନ୍ତ୍ରଣ, ଆତଙ୍କବାଦର ମୁକାବିଲା ଏବଂ ଆଇନଗତ ସହଯୋଗ, ପଳାତକ ଅପରାଧୀଙ୍କ ପ୍ରତ୍ୟାବର୍ତ୍ତନ, ସାଇବର ସୁରକ୍ଷା ଏବଂ ସାଇବର ଅପରାଧ ଅନୁସନ୍ଧାନ ଏବଂ ସଂସ୍ଥାଗତ ସହଯୋଗ ଏବଂ ଦକ୍ଷତା ବିକାଶ । ବେଆଇନ ଆର୍ଥିକ କାରବାର ଏବଂ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣର ମୁକାବିଲା ପାଇଁ ଏକ ସମନ୍ୱିତ ଆଞ୍ଚଳିକ ଆଭିମୁଖ୍ୟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା, ଗୁଇନ୍ଦା ସଂସ୍ଥା ଏବଂ ସୀମା ପରିଚାଳନା ସଂସ୍ଥା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଆତ୍ମସମର୍ପଣ କଲେ ୬ ହାର୍ଡକୋର ମାଓବାଦୀ

ମାଲକାନଗିରି : ୬ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ । ଛତିଶଗଡ଼ ସୀମାନ୍ତ ବିଜାପୁର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ୬ ଜଣ ହାର୍ଡକୋର ମାଓବାଦୀ । ଏମାନଙ୍କ ମଧ୍ୟରେ ଓଡ଼ିଶାରେ ସକ୍ରିୟ ଥିବା ୪ ଜଣ ଓ ପଶ୍ଚିମ ବସ୍ତର ଡିଭିଜନର ୨ ଜଣ ହାର୍ଡକୋର ମାଓବାଦୀ ରହିଛନ୍ତି । ଓଡ଼ିଶା କ୍ୟାଡରର ଏହି ୪ଜଣ ମାଓବାଦୀ PPCM ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ସେମାନଙ୍କ ନାଁରେ ପୁଲିସ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା । ଏମାନେ ଦୀର୍ଘବର୍ଷ ଧରି ମାଓସଙ୍ଗଠନରେ ସକ୍ରିୟ ରହିଥିବା ବେଳେ ଓଡିଶାରେ ଅନେକ ହିଂସାକାଣ୍ଡ ଘଟାଇଛନ୍ତି । ଓଡିଶାରେ ତାଙ୍କର ଶେଷ ଠିକଣା ଗଜପତି ଜିଲ୍ଲା ଥିଲା ବୋଲି କହିଛନ୍ତି ବିଜାପୁର ଏସପି । ତେବେ ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତିରେ ଆକର୍ଷିତ ହୋଇ ଏମାନେ ବିଜାପୁର ଝଚଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଛି । ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ବିଜାପୁର ଝଚ କହିଛନ୍ତି । ସୁରକ୍ଷା ବାହିନୀର ନିରନ୍ତର ଅଭିଯାନ, ମାଓବାଦୀ ସଂଗଠନର ଦୁର୍ବଳତା ଏବଂ ହିଂସାତ୍ମକ ବିଚାରଧାରା ପ୍ରତି ନିରାଶା ଯୋଗୁଁ ସେମାନେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।

ବିଶ୍ୱନାଥ ପଶାୟତଙ୍କ ୧୧୪ତମ ଜୟନ୍ତୀ

ଦୁର୍ବଳଙ୍କ ଅଧିକାର ସୁରକ୍ଷା ହିଁ ଆଇନଜୀବୀଙ୍କ ସଫଳତା : ଜଷ୍ଟିସ ଚନ୍ଦ୍ରଶେଖର

କଟକ, (ନି.ପ୍ର) : ସମାଜର ଗରିବ, ଦୁର୍ବଳ ଓ ବଞ୍ଚିତ ବର୍ଗଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା ହିଁ ବିଶିଷ୍ଟ ଆଇନଜୀବୀ ବିଶ୍ୱନାଥ ପଶାୟତଙ୍କ ଜୀବନର ମୁଖ୍ୟ ଆଦର୍ଶ ଥିଲା । ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ବିରଳ ବ୍ୟକ୍ତିତ୍ୱ । ଜନସାଧାରଣଙ୍କ ସେବାରେ ନିଜକୁ ସମର୍ପିତ କରିଥିବା ବିଶ୍ୱନାଥ ପଶାୟତଙ୍କ ଜୀବନ ଓ ଆଦର୍ଶ ଆଜିର ଆଇନଜୀବୀ ସମାଜ ପାଇଁ ଅନୁକରଣୀୟ ବୋଲି ଶନିବାର କଟକର ହୋଟେଲ ପ୍ରମୋଦଠାରେ ଆୟୋଜିତ ବିଶ୍ୱନାଥ ପଶାୟତଙ୍କ ୧୧୪ତମ ଜୟନ୍ତୀ ଉତ୍ସବରେ ମତପ୍ରକାଶ ପାଇଛି ।

ବିଶ୍ୱନାଥ ପଶାୟତ ମେମୋରିଆଲ କମିଟି ପକ୍ଷରୁ ଆୟୋଜିତ ଏହି ବାର୍ଷିକ ସମାରୋହରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱନାଥ ପଶାୟତଙ୍କ ଜୀବନ ଓ ଆଦର୍ଶକୁ ସ୍ମରଣ କରି କହିଥିଲେ ଯେ, ଜଣେ ଆଇନଜୀବୀଙ୍କ ସଫଳତା କେବଳ ସେ କେତେ ମାମଲାରେ ଯୁକ୍ତି ଉପସ୍ଥାପନ କଲେ, ତାହା ଆଧାରରେ ମପାଯାଏ ନାହିଁ । ଦୁର୍ବଳ, ଅସହାୟ ଓ ବଞ୍ଚିତଙ୍କ ଅଧିକାର ସୁରକ୍ଷା ପାଇଁ ସେ କେତେ ଅବଦାନ ରଖିଲେ, ତାହା ହିଁ ଜଣେ ଆଇନଜୀବୀଙ୍କ ପ୍ରକୃତ ସଫଳତାର ମାନଦଣ୍ଡ । ସମ୍ବିଧାନର ପ୍ରକୃତ ସଫଳତା ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଏହାର ଆଦର୍ଶ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ଜୀବନରେ ପହଞ୍ଚିବ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ କହିଲେ ଯେ, ଭାରତର ସମ୍ବିଧାନ କେବଳ ଆଇନ ଓ ନିୟମର ଏକ ସଂକଳନ ନୁହେଁ; ଏହା ଦେଶର ବିବିଧ ସଂସ୍କୃତି, ପରମ୍ପରା, ମାନବୀୟ ମୂଲ୍ୟବୋଧ ଓ ମାନବାଧିକାରର ସମନ୍ୱୟ । ସମ୍ବିଧାନର ଭାଷାକୁ ବୁଝିବାକୁ ହେଲେ ଏହା ପଛରେ ଥିବା ଚିନ୍ତାଧାରା ଓ ମୂଲ୍ୟବୋଧକୁ ବୁଝିବା ଆବଶ୍ୟକ । ବିଶ୍ୱନାଥ ପଶାୟତଙ୍କ ଆଚରଣ, ଚିନ୍ତାଧାରା ଓ ସାଧାରଣ ଲୋକଙ୍କ ସହ ତାଙ୍କର ସମ୍ପର୍କ ତାଙ୍କ ବ୍ୟକ୍ତିତ୍ୱର ମହତ୍ତ୍ୱକୁ ପ୍ରକାଶ କରେ ବୋଲି କହିଥିଲେ । ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ 'ସମ୍ବିଧାନର ଭାଷା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଲେ ଯେ, ଆଇନଜୀବୀଙ୍କ ଦାୟିତ୍ୱ କେବଳ ଆଇନର ବ୍ୟାଖ୍ୟା କିମ୍ବା ମାମଲା ପରିଚାଳନାରେ ସୀମିତ ନୁହେଁ । ସମାଜର ବଞ୍ଚିତ ଓ ଅସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନରେ ସହଯୋଗ କରିବା ମଧ୍ୟ ଆଇନଜୀବୀଙ୍କ ନୈତିକ ଦାୟିତ୍ୱ । ଆଇନର ଶକ୍ତିକୁ ସମାଜର ଦୁର୍ବଳ ବର୍ଗଙ୍କ ସୁରକ୍ଷା ଓ ନ୍ୟାୟ ପାଇଁ ବ୍ୟବହାର କରିବାରେ ବିଶ୍ୱନାଥ ପଶାୟତଙ୍କ ଜୀବନ ଆଜିର ଆଇନଜୀବୀ ସମାଜ ପାଇଁ ଏକ ଆଦର୍ଶ । ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ବିଶ୍ୱନାଥ ପଶାୟତଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ଅନୁପ କୁମାର ବୋଷ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଡା. ନିରଞ୍ଜନ ତ୍ରିପାଠୀ ଏବଂ ବରିଷ୍ଠ ଆଇନଜୀବୀ ଦର୍ପହରି ଧଳଙ୍କୁ 'ବିଶ୍ୱନାଥ ପଶାୟତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସେହିଭଳି ମୁଟ୍‌କୋର୍ଟ ପ୍ରତିଯୋଗିତା କୃତିତ୍ୱଧାରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ । ବିଶ୍ୱନାଥ ପଶାୟତଙ୍କ ସୁପୁତ୍ର ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଡ. ଅରିଜିତ ପଶାୟତ ଓ ତାଙ୍କ ପରିବାରବର୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କଟକ ମହାନଗର ନିଗମ ମେୟର ସୁବାସ ସିଂହ ଉପସ୍ଥିତ ଥିଲେ । ଫେଡରିକ ରାଇଟ୍ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ । ବରିଷ୍ଠ ଆଇନଜୀବୀ ବି.କେ. ମହାନ୍ତି, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ସମେତ ଉତ୍ସବରେ ବିଚାରପତି, ଅବସରପ୍ରାପ୍ତ ବିଚାରପତି, ବହୁ ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ବାର୍, ସିଭିଲ୍ କୋର୍ଟ ଓ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର କର୍ମକର୍ତ୍ତା ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

ବିଶ୍ୱନାଥ ପଶାୟତ ମେମୋରିଆଲ କମିଟି ପକ୍ଷରୁ ସାମ୍ବାଦିକ ଶ୍ରୀ ମନୋଜ ସେଠଙ୍କୁ ସମ୍ମାନିତ ।

ଦୁର୍ଗାପୂଜା ପାଇଁ ଜାରି ହେଲା ଟ୍ରାଫିକ କଟକଣା

ଭୁବନେଶ୍ୱର : ଅକ୍ଟୋବର ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସହରରେ ଦୂର୍ଗା ପୂଜା ପାଳନ ହେବ । ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ଟ୍ରାଫିକ୍ କଟକଣା ଲଗାଯାଇଛି । ଅକ୍ଟୋବର ୧୬ରୁ ୨୧ ତାରିଖ ଅପରାହ୍ନ ୨ ଘଟିକା ଠାରୁ ରାତ୍ର ୨ ଘଟିକା ପର୍ଯ୍ୟନ୍ତଏହି କଟକଣା ଲାଗୁ କରାଯିବ । ଟ୍ରାଫିକ୍ ସମସ୍ୟା ଦୃଷ୍ଟିରୁ କେ ?ଣସି ଭାରି ଯାନ ସହରର ବିଭିନ୍ନ ରାସ୍ତା ଦେଇ ଯାଇପାରିବେ ନାହିଁ ।ଏହି ନିୟମ ଖିଲାପ କଲେ ଖିଲାପକାରୀଙ୍କୁ ୫୦୦ କିମ୍ୱା ସର୍ବାଧିକ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ । ତେବେ ଉପରୋକ୍ତ କଟକଣାଗୁଡ଼ିକ ପୋଲିସ, ଅଗ୍ନିଶମ, ଏକ୍ସାଇଜ, ଆମ୍ବୁଲାନ୍ସ ଓ ଅନ୍ୟ ଅତ୍ୟାବଶ୍ୟକୀୟ ଗାଡ଼ିଗୁଡ଼ିକ ପାଇଁ ଲାଗୁ ହେବ ନାହିଁ ।

ରସୁଲଗଡ଼ ଛକ ଠାରୁ ଲିଙ୍ଗିପୁର ଛକ, ବାଣୀବିହାର ଛକ ଠାରୁ ଶିଶୁଭବନ ଛକ, ଆଚାର୍ଯ୍ୟ ବିହାର ଛକ ଠାରୁ କଳିଙ୍ଗ ହସ୍ପିଟାଲ ଛକ, ଆଚାର୍ଯ୍ୟ ବିହାର ଛକ ଠାରୁ ନିୟୁ ଏୟାରପୋର୍ଟ ଛକ, ଜୟଦେବ ବିହାର ଛକଠାରୁ ନନ୍ଦନକାନନ ଛକ, ଜୟଦେବ ବିହାର ଠାରୁ ରାଜଭବନ ଛକ, ସିଆରପି ଛକ ଠାରୁ ପାଓ୍ୱାର ହାଉସ ଛକ, ଫାୟାର ଟ୍ରେନିଂ ସ୍କୁଲ ଛକ ଠାରୁ ଶିଶୁଭବନ ଛକ, ଖଣ୍ଡଗିରି ଛକ ଠାରୁ ପୋଖରୀ ପୁଟ ଛକ, ବରମୁଣ୍ଡା ଠାରୁ ପଳାସୁଣୀ ପର୍ଯ୍ୟନ୍ତ ଏନଏଚ-୧୬ର ଉଭୟ ପଟରେ ଏହି କଟକଣା ଲାଗୁ କରାଯାଇଛି ।

ସେହିଭଳି ପୁରୀ ପଟୁ ଆସୁଥିବା ବସ୍ ଲିଙ୍ଗିପୁର ଛକରୁ ପାଣ୍ଡରା ଛକ, କେଶୁରା ଛକ ଓ ହାଇଟେକ୍ ଛକ ଦେଇ ବରମୁଣ୍ଡା ବସ୍ ଷ୍ଟାଣ୍ଡକୁ ଯିବେ । ସହର ଭିତରକୁ କୌଣସି ବସ୍ ପ୍ରବେଶ କରିବାକୁ ଦିଆଯିବ ନାହିଁ । ମାଷ୍ଟର କ୍ୟାଣ୍ଟିନ୍ ବସ୍ ଷ୍ଟାଣ୍ଡରୁ ବାହାରୁଥିବା କୌଣସି ବସ୍ ବାଣୀବିହାର କିମ୍ବା ରବି ଟକିଜ୍ ଆଡ଼କୁ ଯାଇପାରିବେ ନାହିଁ । ଏହା ରାମ ମନ୍ଦିର ଓ ହାଉସିଂ ବୋର୍ଡ ଛକ ଦେଇ ଆଚାର୍ଯ୍ୟ ବିହାର ଯିବ ।

Printed, Published, Owned by Subas Chandra Hota, Plot No.: N5/94, Jayadev Vihar, PS: Nayapalli, Bhubaneswar - 751015, Dist-Khordha, Odisha,
Printed at Impression Off-set Press, A/14, Ashok Nagar, Bhubaneswar-751009, Dist.: Khordha, Odisha
E-mail.: dhauliexpress072@gmail.com, www. dhauliexpress.com Phone: 7008698819, 9437769960
ସଂପାଦକ : ସୁବାସ ଚନ୍ଦ୍ର ହୋତା
Editor : Subas Chandra Hota

କିଛି ଟଙ୍କା, ମଦ, ମାସଂ ପାଇଁ ମୂଲ୍ୟବାନ ଭୋଟ ବିକ୍ରି କରନ୍ତୁ ନାହିଁ